ସାପ୍ତାହିକ
# ସ୍ୱୀକାର
Postal Regd. No.: SBP/RN-01/2022-2024
The Sweekar ସ୍ୱୀକାର
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା
RNI No. 66443/94
Vol.27 Issue - 53 31 December - 6 January 2024 Sambalpur Page- 8 Invitation Price Rs.10



## ପବିତ୍ର ବଡ ଦିନ ଉପଲକ୍ଷେ ବାର୍ତ୍ତା

ପବିତ୍ର ବଡଦିନ ପର୍ବ ହେଉଛି ଶାନ୍ତି, ମୈତ୍ରୀ ଓ ମାନବତାବାଦର ପର୍ବ । ଏ ଅବସରରେ ମୁଁ ଓଡ଼ିଶାର ସମସ୍ତଙ୍କୁ ବିଶେଷତଃ ଖ୍ରୀଷ୍ଟିଆନ୍ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଆନ୍ତରିକ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କର ଶ୍ରୀ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

(ରଘୁବର ଦାସ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା





## ବଡ ଦିନ ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଓଡ଼ିଶା ସରକାର

ପବିତ୍ର ବଡ ଦିନ ଉପଲକ୍ଷେ ରାଜ୍ୟବାସୀଙ୍କୁ ମୋର ଶୁଭେଚ୍ଛା ଜଣାଉଛି ଏବଂ ଏକ ବିକଶିତ ଓ ସଶକ୍ତ ଓଡ଼ିଶା ଗଠନରେ ସମସ୍ତଙ୍କ ସହଯୋଗ କାମନା କରୁଛି ।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ନବବର୍ଷର ହାର୍ଦ୍ଦିକ ଅଭିନନ୍ଦନ

'ସ୍ୱୀକାର' ତାର ଅଗଣିତ ପାଠକପାଠିକା, ବିଜ୍ଞାପନଦାତା, ଶୁଭେଚ୍ଛୁ ତଥା ଜନସାଧାରଣଙ୍କୁ ନବବର୍ଷର ଅଭିନନ୍ଦନ ଜଣାଉଛି । ନୂତନ ବର୍ଷ ସମସ୍ତଙ୍କ ପାଇଁ ସୁଖମୟ ଓ ସମୃଦ୍ଧିର ବର୍ଷ ହେଉ ।

ହେମନ୍ତ କୁମାର ମହାପାତ୍ର
ସଂପାଦକ

## ଶ୍ରଦ୍ଧାଞ୍ଜଳି



'ପଶ୍ଚିମ ଓଡ଼ିଶାର ଗାନ୍ଧୀ' ରୂପେ ପରିଚିତ ପ୍ରବୀଣ ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁଙ୍କ ୪୦ତମ ଶ୍ରାଦ୍ଧବାର୍ଷିକୀ ଅବସରରେ 'ସ୍ୱୀକାର' ସଶ୍ରଦ୍ଧ ଶ୍ରଦ୍ଧାଞ୍ଜଳି ଜଣାଉଛି ।

ଓଡ଼ିଶା ସରକାର



## ପବିତ୍ର ବଡ଼ଦିନ ଉପଲକ୍ଷେ ବାର୍ତ୍ତା

ପବିତ୍ର ବଡ ଦିନ ଉପଲକ୍ଷେ ରାଜ୍ୟର ସମସ୍ତ ଜନସାଧାରଣ ବିଶେଷ କରି ସମସ୍ତ ଖ୍ରୀଷ୍ଟିଆନ୍ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ । ଏହି ଅବସରରେ ମୁଁ ସେମାନଙ୍କର ଅଶେଷ ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

ବସୁଧୈବ କୁଟୁମ୍ବକମ୍ ଭାବକୁ ଅତୁଟ ରଖି ଆସନ୍ତୁ ସମସ୍ତେ ମିଶି ପ୍ରଭୁ ଯିଶୁଙ୍କର ଧରାବତରଣକୁ ଆନନ୍ଦ ଓ ଉଲ୍ଲାସ ସହକାରେ ପାଳନ କରିବା ।

(ପ୍ରଦିପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା

୭ ପୃଷ୍ଠାରେ..


ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ କରିବ ଦହି


ସ୍ୱାସ୍ଥ୍ୟୋପକାରୀ ଷ୍ଟ୍ରବେରି


ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ ଗୋଲମରିଚ


ଭିଜା ଅଖରୋଟର ଲାଭ


କ୍ୟାନସରରୁ ମୁକ୍ତି ପାଇଁ ଅଦା


ନିମ୍ବଫଳର ଉପକାରିତା

# ସମଲେଇ ମହିମା

**ପ୍ରଫୁଲ୍ଲ କୁମାର ମାଝୀ**

'ମାଁ' ସମଲେଇ କିମ୍ବଦନ୍ତୀ ଓ ଲଇଡ଼ାର ମାଁ ସମଲେଇ' ସମଗ୍ର ପଶ୍ଚିମ ଓଡିଶା ମାଁ ସମଲେଶ୍ୱରୀଙ୍କ ମହିମାରେ ମହିମା ମଣ୍ଡିତ । କେଉଁ ଆବହମାନ କାଳରୁ ମହାନଦୀ କୂଳରେ ଶିମୁଳି ବୃକ୍ଷମୂଳେ ମାଁ ଉଭା ହୋଇ ପୂଜା ପାଉଥିବାର କିମ୍ବଦନ୍ତୀ ରହିଛି । ସେ ସମୟରେ ସମ୍ବଲପୁର ଏକ ଆଦିବାସୀ ଗ୍ରାମ ରହିଥିବାର ଜଣାଯାଏ । ଦ୍ୱିତୀୟ ଶତାବ୍ଦୀରେ ଗ୍ରୀକ୍ ପରିବ୍ରାଜକ ଟଲେମୀ ଏହି ଅଞ୍ଚଳକୁ ସମ୍ବଳକ ନାମରେ ଅଭିହିତ କରିଛନ୍ତି । ସ୍ଥାନୀୟ ଭାଷାରେ ଶିମୁଳିକୁ ସେମେଲ କୁହାଯାଉଥିବାରୁ ଗ୍ରାମର ନାଁ ପ୍ରଥମେ ସେମେଲପୁର ଏବଂ ପରେ ପରିବର୍ତ୍ତିତ ହୋଇ ସମ୍ବଲପୁର ହୋଇ ଥିବାର ଜଣାଯାଏ । ହୀରାଖଣ୍ଡ ବୋଲାଉଥିବା ଏହିଅଞ୍ଚଳରୁ ଏକଦା ରୋମକୁ ହୀରା ରପ୍ତାନୀ ହେଉଥିବାର ଫରାସୀ ପରିବ୍ରାଜକ ଟାଭେର୍ଣ୍ଣିର ଓ ବ୍ରିଟିଶ ଐତିହାସିକ ଏଡୱାର୍ଡ ଗିବ୍ବନଙ୍କ ବିବରଣୀରୁ ଜଣାପଡ଼େ ।

ମହାନଦୀ ଅପରପାର୍ଶ୍ୱରେ ଥିବା ଚାଉଁରପୁର ଗ୍ରାମର ଏକ ଗରୀବ ଓ ଅସହାୟ ଦମ୍ପତିଙ୍କୁ ସହାୟ ହୋଇ ମାଁ ସମଲେଇ ଚୌହାନ ରାଜା ବଳରାମ ଦେବଙ୍କୁ ସ୍ୱପ୍ନାଦେଶ ଦେଇଥିବାର ଜନଶ୍ରୁତି ରହିଛି । ଷୋଡ଼ଶ ଶତାବ୍ଦୀର ମଧ ଭାଗରେ ଯେତେବେଳେ ବଳରାମ ଦେବ ପାଟଣା ରାଜ୍ୟରୁ ହୁମା ପ୍ରଦେଶ ଭାଗ ପାଇଲେ ସମ୍ବଲପୁର ସହର ଓ ଗଡ଼ ସ୍ଥାପନ କରି ମାଁ ସମଲେଶ୍ୱରୀଙ୍କୁ ନିଜର ଅଧିଷ୍ଠାତ୍ରୀ ଦେବୀ ଭାବରେ ଗ୍ରହଣ କରିଥିଲେ । ଚାଉଁରପୁର ଅଞ୍ଚଳରେ ମୃଗୟା କରୁଥିବା ସମୟରେ ଯେତେବେଳେ ଏକ ଜଙ୍ଗଲି ଠେକୁଆ ଭୟରେ ତାଙ୍କ ଶିକାରୀ କୁକୁର ପଳାୟନ କଲେ ବଳରାମ ଦେବ ମାଁଙ୍କ ଅଲୌକିକ ଶକ୍ତି ସଂପର୍କରେ ଅବଗତ ହୋଇଥିଲେ । ସମ୍ବଲପୁରରେ ଥିବା ବର୍ତ୍ତମାନର ମନ୍ଦିରଟି ବଳରାମ ଦେବ ଏବଂ ପରବର୍ତ୍ତୀ ଚୌହାଣ ରାଜାମାନଙ୍କ ସମୟରେ ନିର୍ମିତ ହୋଇଛି ।

ମାଁ ସମଲେଶ୍ୱରୀଙ୍କ ଆବିର୍ଭାବ ସମ୍ପର୍କରେ ଆଉ ଏକ କିମ୍ବଦନ୍ତୀ ରହିଛି । ସ୍ୱର୍ଗରେ ଦେବରାଜ ଇନ୍ଦ୍ରଙ୍କ ଆତିଥ୍ୟ ସ୍ୱୀକାର କରି ଶିବ ପାର୍ବତୀ ଯେତେବେଳେ ଆକାଶମାର୍ଗରେ କୈଳାସକୁ ପ୍ରତ୍ୟାବର୍ତ୍ତନ କରୁଥିଲେ ପ୍ରଭୁ ଶିବ ଏ ଅଞ୍ଚଳରେ ଅବସ୍ଥାନ କରିବା ପାଇଁ ମନସ୍ଥ କଲେ ଯାହାକି ପରବର୍ତ୍ତୀ ସମୟରେ ଅଷ୍ଟଶମ୍ଭୁ ପୀଠରେ ପରିଣତ ହୋଇଛି । ସମ୍ବଲପୁର ଓ ବରଗଡ଼ ଜିଲ୍ଲାରେ ଅବସ୍ଥିତ ଏହି ପୀଠ ଗୁଡିକରେ ପ୍ରଭୁ ଶିବ ଏଯାବତ ପୂଜା ପାଇ ଆସୁଛନ୍ତି । ପ୍ରଭୁ ଶିବଙ୍କ ଇଚ୍ଛା ଦେଖି ମାତା ପାର୍ବତୀ ମଧ ଏ ଅଞ୍ଚଳର ସାତଟି ସ୍ଥାନରେ ନିଜ ଗଭାରୁ ପାରିଜାତ ଫୁଲର ପାଖୁଡ଼ା ନିକ୍ଷେପ କରି ନିଜକୁ ଅବସ୍ଥାପିତ କରୁଛନ୍ତି । ଏମାନଙ୍କ ମଧ୍ୟରୁ ସମ୍ବଲପୁରର ମାଁ ସମଲେଶ୍ୱରୀ ପୀଠ ଅନ୍ୟତମ ।

ସମ୍ବଲପୁରରେ ମାଁ ସମଲେଶ୍ୱରୀଙ୍କ ଆବିର୍ଭାବ ଓ ଅବସ୍ଥିତିକୁ ନେଇ ଆହୁରି ମଧ କିମ୍ବଦନ୍ତୀ ରହିଛି । ରାକ୍ଷସ ରାଜା ରାବଣର ଗଡ଼ଦେବୀ ଥିବା ଲଙ୍କେଶ୍ୱରୀ, ଲଙ୍କିନୀ ବା ଲଙ୍କାଦେବୀ ରାମଭକ୍ତ ହନୁମାନଙ୍କ ଅନୁରୋଧ କ୍ରମେ ଲଙ୍କାରୁ ପଳାୟନ କରି ଏ ଅଞ୍ଚଳରେ ମାଁ ସମଲେଶ୍ୱରୀ ରୂପରେ ଅବସ୍ଥାନ କରି ପୂଜା ପାଉଥିବାର ଦୃଢ଼ ବିଶ୍ୱାସ ରହିଛି । କିନ୍ତୁ ପୁରୁଣା କାଳରେ ପଶ୍ଚିମ ଲଙ୍କା ବୋଲାଉଥିବା ସୋନପୁର ଏବଂ କଳାହାଣ୍ଡିର ପୁରାତନ ରାଜଧାନୀ ଜୁନାଗଡ଼ ଠାରେ ଲଙ୍କେଶ୍ୱରୀ ଏକ ବିଶେଷ ଦେବୀ ଭାବରେ ପୂଜା ପାଉଥିବାରୁ ଐତିହାସିକ ଓ ଗବେଷକମାନେ ଲଙ୍କେଶ୍ୱରୀଙ୍କୁ ଏକ ଗଡ଼ଦେବୀ ଓ ଏକ ପ୍ରଖର ଦେବୀ ଏବଂ ଗଡ଼ର ସୁରକ୍ଷା ପୂର୍ବକ ଶତ୍ରୁ ସହିତ ପ୍ରତ୍ୟକ୍ଷ ଭାବରେ ଯୁଦ୍ଧ କରୁଥିବାର ମଧ ଜନଶ୍ରୁତି ରହିଛି ।

ଓଡ଼ିଶାର ପଶ୍ଚିମାଞ୍ଚଳ ଓ ଏହାର ଆଖପାଖ ଅଞ୍ଚଳରେ ମାଁ ସମଲେଶ୍ୱରୀଙ୍କ ଲୋକପ୍ରିୟତା ଓ ମହିମା ଏତେ ସୁଦୂର ପ୍ରସାରୀ ଯେ କିମ୍ବଦନ୍ତୀ ପରେ କିମ୍ବଦନ୍ତୀ ମାଁଙ୍କ ସହିତ ଜଡ଼ିତ ହୋଇ ରହିଛି । ଦେବୀ ସତୀଙ୍କ ମୃତ ଶରୀରକୁ ହାତରେ ଧରି ପ୍ରଭୁ ଶିବ ଯେତେବେଳେ ତାଣ୍ଡବ ଆରମ୍ଭ କଲେ ତାଙ୍କ ପ୍ରକୋପରୁ ଏ ବିଶ୍ୱ ବ୍ରହ୍ମାଣ୍ଡକୁ ରକ୍ଷା କରିବା ପାଇଁ ଭଗବାନ ବିଷ୍ଣୁ ସୁଦର୍ଶନ ଚକ୍ର ପ୍ରେରଣ କରି ସତୀଙ୍କ ଶରୀରକୁ ଖଣ୍ଡ ବିଖଣ୍ଡିତ କଲେ । ପୁରାଣରେ ଐତିହାସିକ ଓ ଗବେଷକ ମାନେ ଭାରତ, ନେପାଳ, ବଙ୍ଗଳାଦେଶ ଓ ପାକିସ୍ଥାନର ବିଭିନ୍ନ ସ୍ଥାନରେ ସତୀଙ୍କ ଶରୀରର ଅଂଶ ବିଶେଷ ପଡିଥିବାର ଚିହ୍ନଟ କରିଥିବା ବେଳେ ମାଁ ସମଲେଶ୍ୱରୀଙ୍କ ପୀଠରେ ମଧ ଏକ ଅଂଶ ପଡିଥିବାର ବିଶ୍ୱାସ କରାଯାଏ ।

କଳାପାହାଡ଼ ନିଜ ସୈନ୍ୟସାମନ୍ତ ସହିତ ସମ୍ବଲପୁର ଆସି ମାଁ ସମଲେଶ୍ୱରୀଙ୍କ ପୀଠ ଓ ଅନ୍ୟାନ୍ୟ ମନ୍ଦିର ସମୂହକୁ ଧ୍ୱଂସ କରିବାର ପ୍ରଚେଷ୍ଟାକୁ ଦେବୀ ପଣ୍ଡ କରିଥିବାର ଜନଶ୍ରୁତି ରହିଛି । ମାଁଙ୍କ ଠାରେ ନରବଳି ପଡୁଥିବାର ଏବଂ ପରବର୍ତ୍ତୀ ସମୟରେ ଏହି ପ୍ରଥା ବନ୍ଦ ହେବାର ଉପାଖ୍ୟାନକୁ ଇତିହାସକାର ମାନେ ସ୍ୱୀକାର



କରିଛନ୍ତି । ଏହା ସମ୍ଭବ ହୋଇ ପାରିଥିଲା ସମ୍ବଲପୁରର ଗୋପାଳଜୀ ମଠର ପ୍ରଥମ ମହନ୍ତଙ୍କ ମାଧ୍ୟମରେ ।

କିମ୍ବଦନ୍ତୀ ଓ ଇତିହାସର ବହୁ ଉର୍ଦ୍ଧ୍ୱକୁ ଉଠି ମାଁ ସମଲେଶ୍ୱରୀ ଲୋକଙ୍କ ହୃଦୟରେ ଭକ୍ତି ଓ ଶ୍ରଦ୍ଧାର ଏଭଳି ଏକ ସ୍ଥାନ ଅଧିକାର କରିଛନ୍ତି ଯାହା ଜଗନ୍ନାଥଙ୍କ ବ୍ୟତୀତ ଅନ୍ୟ କେହି ଦେବାଦେବୀ ଏ ଅଞ୍ଚଳରେ ହାସଲ କରି ନାହାନ୍ତି । ଏ ଅଞ୍ଚଳରେ ଜଗନ୍ନାଥ ଓ ଶିବଙ୍କ ସହିତ ସମଲେଶ୍ୱରୀଙ୍କ ମନ୍ଦିର ମଧ ଗ୍ରାମ ମାନଙ୍କରେ ଦେଖିବାକୁ ମିଳେ । ସମ୍ବଲପୁର ବ୍ୟତୀତ ସୁନ୍ଦରଗଡ଼, ସୋନପୁର, ଖରିଆର, ଲଇଡ଼ା ଏବଂ ଅନ୍ୟାନ୍ୟ ପ୍ରମୁଖ ସ୍ଥାନ ମାନଙ୍କରେ ମାଁ ସମଲେଶ୍ୱରୀଙ୍କ ଭବ୍ୟ ମନ୍ଦିର ଶୋଭାପାଉଛି ।

ସମ୍ବଲପୁର ସହରରୁ ପ୍ରାୟ ପଚାଶ କିଲୋମିଟର ଦୂରରେ ଅବସ୍ଥିତ ଲଇଡ଼ା ଗ୍ରାମରେ ଥିବା ମାଁ ସମଲେଶ୍ୱରୀଙ୍କ ପୀଠ ଓ ମନ୍ଦିର ଅତୀବ ସୁନ୍ଦର ଓ ମନୋରମ ପରିବେଶରେ ରହିଛି । ନୂଆଁଖାଇ, ଦଶହରାଓ ଅନ୍ୟାନ୍ୟ ଅବସରରେ ପୀଠରେ ଭକ୍ତଙ୍କ ବିପୁଳ ସମାଗମ ହୋଇଥାଏ । ଆଖପାଖ ଗାଁ ବ୍ୟତୀତ ଦୂରଦୂରାନ୍ତରରୁ ମଧ ଭକ୍ତ ଆସିଥାନ୍ତି । ମନ୍ଦିରଟି ବହୁ ପୁରୁଣା ଏବଂ ପରବର୍ତ୍ତୀ ସମୟରେ ଏଥିରେ ପୁନରୁଦ୍ଧାର ଓ ଉନ୍ନତିକରଣ କାର୍ଯ୍ୟ କରାଯାଇଥିବାର ଜଣାଯାଏ । ମନ୍ଦିରରେ ପ୍ରତ୍ୟହ ଦେବୀଙ୍କ ପୂଜାର୍ଚ୍ଚନା ସହିତ ଭୋଗ ଲାଗିହୁଏ । ସାଧାରଣତଃ ଦେଖାଯାଏ ଯେ ଓଡ଼ିଶାର ପଶ୍ଚିମାଞ୍ଚଳରେ ଯେଉଁ ସବୁ ପରୁଣା ଶିବ ଓ ଦେବୀ ମନ୍ଦିର ରହିଛି ସେସବୁରେ ପୂଜକମାନେ ବଂଶ ପରମ୍ପରା କ୍ରମେ ପୂଜାସେବା କରିଥାନ୍ତି । ପୁରାତନ ଓ ମଧ ଯୁଗରେ ରାଜା ମହାରାଜା, ଜମିଦାର ଓ ଗୌନ୍ତିଆମାନେ ମନ୍ଦିର ପାଇଁ ଜମିବାଡ଼ିର ବ୍ୟବସ୍ଥା କରୁଥିଲେ ଯାହା ଦ୍ୱାରା ମନ୍ଦିରର ପରିଚାଳନା ଓ ଭୋଗରାଗ ଆଦି କାର୍ଯ୍ୟ ସଂପାଦିତ ହେଉଥିଲା । ଲଇଡ଼ାର ମାଁ ସମଲେଇଙ୍କ ମନ୍ଦିରରେ ପୂଜକମାନେ ସମୟ ସମୟରେ ନିଯୁକ୍ତ ହୋଇଥାନ୍ତି । ଗାଁ ପଟୁ ମନ୍ଦିରର ମୁଖ୍ୟ ଦ୍ୱାରକୁ ପ୍ରବେଶ କରାଯାଏ । ଭକ୍ତ ଓ ପର୍ଯ୍ୟଟକଙ୍କ ଯେଉଁଭଳି ଅସୁବିଧା ନ ହୁଏ ତାକୁ ଆଖି ଆଗରେ ରଖି ମୁଖ୍ୟ ଦ୍ୱାରରେ ପୂଜକଙ୍କ ମୋବାଇଲ ନମ୍ବର ଲେଖା ହୋଇଛି । ମୁଖ୍ୟ ଦ୍ୱାର ଅତିକ୍ରମ କରିବା କ୍ଷଣି ମନ୍ଦିରର ଶାନ୍ତ ଓ ମନୋରମ ପରିବେଶ ଦୃଷ୍ଟିଗୋଚର ହୁଏ । ମନ୍ଦିର ପରିସରରେ ବୃକ୍ଷରାଜି ସହିତ ଚାମୁଣ୍ଡେଶ୍ୱରୀ ଓ ହନୁମାନ ପାର୍ଶ୍ୱ ଦେବାଦେବୀ ରୂପରେ ପୂଜା ପାଉଛନ୍ତି । ପରିଚାଳନା କମିଟି ଦ୍ୱାରା ମନ୍ଦିରର ପରିଚାଳନା ସୁରୁଖୁରୁରେ ହୋଇଥାଏ ଏବଂ ପ୍ରତ୍ୟେକ ପର୍ବପର୍ବାଣୀର ଆୟୋଜନ ମଧ ସୂଚାରୁ ରୂପେ କରାଯାଇଥାଏ । ଲଇଡ଼ା ଅଞ୍ଚଳ ମୁଖ୍ୟତଃ ଶାନ୍ତିପ୍ରିୟ ହୋଇଥିବାରୁ କୌଣସି ଅସୁବିଧା ବା ଗଣ୍ଡଗୋଳ ପର୍ବ ପର୍ବାଣୀ ସମୟରେ ହୋଇ ନ ଥାଏ ।


ବଏଲ ଯାତ୍ରା ହେଉଛି ମାଁ ସମଲେଶ୍ୱରୀଙ୍କ ମୁଖ୍ୟ ଯାତ୍ରା । ମନ୍ଦିର ପରିଚାଳନା କମିଟି ଦ୍ୱାରା ଅନେକ ଉନ୍ନତିକରଣ କାର୍ଯ୍ୟ କରାଯାଇଛି ଏବଂ ମନ୍ଦିରରର ସର୍ବାଙ୍ଗୀନ ଉନ୍ନତି ପାଇଁ ଭବିଷ୍ୟତ ଯୋଜନା ମଧ ରହିଛି । ସମ୍ବଲପୁର ସହରରୁ ଲଇଡ଼ା ପର୍ଯ୍ୟନ୍ତ ଭଲ ରାସ୍ତା ରହିଛି । ଲଇଡ଼ା ଏ ଅଞ୍ଚଳର ଏକ ମୁଖ୍ୟ ଗ୍ରାମ ଏବଂ ଗମନାଗମନ ପାଇଁ କତରବଗା, ରେଙ୍ଗାଲି, କୁଚିଣ୍ଡା, ବାମରା ଏବଂ ଝାରସୁଗୁଡ଼ାକୁ ରାସ୍ତା ସଂଯୁକ୍ତ ହୋଇଛି ।

ମାଁ ସମଲେଶ୍ୱରୀଙ୍କ ପଛରେ ଯାହାବି କିମ୍ବଦନ୍ତୀ ଓ ଇତିହାସ ରହିଥାଉନା କାହିଁକି ସେ ଯେ ଏ ଅଞ୍ଚଳର ବାସୀନ୍ଦାଙ୍କ ପାଇଁ ଏକ ଆସ୍ଥାର ପ୍ରତୀକ ଏଥିରେ ସନ୍ଦେହର ଅବକାଶ ନାହିଁ । ତାଙ୍କ ଉପରେ ଭକ୍ତଗଣଙ୍କ ଅଗାଢ଼ ଶ୍ରଦ୍ଧା ଓ ଭକ୍ତି ରହିଛି । ସେମେଲପୁରର ଗ୍ରାମଦେବୀରୁ ଉନ୍ନୀତ ହୋଇ ଏକ ବିଶାଳ ଭୂଖଣ୍ଡର ଅଧିଷ୍ଠାତ୍ରୀ ଦେବୀ ହୋଇ ପାରିଛନ୍ତି ଏହା କ'ଣ ଗୌରବର ବିଷୟ ନୁହେଁ । ସେ ହେଉଛନ୍ତି ଏକାଧାରରେ ପାର୍ବତୀ, ମାଣିକେଶ୍ୱରୀ, ସୁରେଶ୍ୱରୀ, ଘଣ୍ଟେଶ୍ୱରୀ, ଚନ୍ଦ୍ରହାସିନୀ, ମହାଲକ୍ଷ୍ମୀ, ମହାସରସ୍ୱତୀ ଓ ଜଗତଜନନୀ । କେବଳ ସ୍ଥାନ ବିଶେଷରେ ସେ ଭିନ୍ନ ନାମ ଧାରଣ କରିଛନ୍ତି । ବିପଦ ଆପଦ ସମୟରେ ସେ ହିଁ ତାଙ୍କ ସନ୍ତାନସନ୍ତତିଙ୍କ ଡାକ ଶୁଣନ୍ତି, ତାଙ୍କୁ ସୁରକ୍ଷା ପ୍ରଦାନ କରନ୍ତି ।

**ଅବସରପ୍ରାପ୍ତ ସହକାରୀ କେନ୍ଦ୍ର ନିର୍ଦ୍ଦେଶକ ଆକାଶବାଣୀ**
**ଭତରା, ଧନୁପାଲି, ସମ୍ବଲପୁର**
**ମୋବାଇଲ:**
୯୮୬୧୦୦୭୧୯୦

# କ୍ୟାନସର ଆଶଙ୍କା ବୃଦ୍ଧି କରେ ଗରମ ଚା'

**ଚା** ସୌଖିନଙ୍କ ପାଇଁ ଏହା ନିଶ୍ଚିତ ଭାବେ ଖରାପ ଖବର । ଏକ ଗବେଷଣାରୁ ଜଣାପଡିଛି, ଗରମ ଚା' ପିଇବା ଦ୍ୱାରା ଗଳା କ୍ୟାନସର ଆଶଙ୍କା ଦେଖା ଦେଇଥାଏ । ଗବେଷଣା ମୁତାବକ, ଯେଉଁ ଲୋକମାନେ ଦୈନନ୍ଦିନ ୭୫ ଡିଗ୍ରୀ ସେଲସିୟସ୍ ତାପମାତ୍ରାର ଚା' ପିଇଥାନ୍ତି, ସେମାନଙ୍କ ମଧ୍ୟରେ ଏହି କ୍ୟାନସର ଆଶଙ୍କା ଦ୍ୱିଗୁଣ ବୃଦ୍ଧି ପାଇଥାଏ । ଅନେକଙ୍କ ଅଭ୍ୟାସ ଥାଏ, କପ୍‌ରେ ଚା' ଢ଼ଳାଯିବା ମାତ୍ରକେ ପିଇବା ଆରମ୍ଭ ହୋଇଯାଏ । ଯଦି ଏ ଅଭ୍ୟାସ ଆପଣଙ୍କର ବି ରହିଛି, ତେବେ ଏବେଠାରୁ ସାବଧାନ ହୋଇଯାନ୍ତୁ । କାରଣ ଚା' କପ୍‌ରେ ଢ଼ଳାଯିବାର ୪ ମିନିଟ୍ ପରେ ପିଇବା ଦ୍ୱାରା ଏହି କ୍ୟାନସର ଆଶଙ୍କା ସୃଷ୍ଟି ହୋଇ ନ ଥାଏ । ଆମେରିକାନ୍ କ୍ୟାନସର ସୋସାଇଟିର ଲିଡ୍ ଅର୍ଥାତ୍ ଫରହଦ୍ ଇସଲାମୀଙ୍କ ମୁତାବକ, ଅନେକ ଲୋକ ଚା' କଫି କିମ୍ବା ଅନ୍ୟ କୌଣସି ଗରମ ପାନୀୟ ପଦାର୍ଥକୁ ପିଇବାର ସୌଖିନ ଥାନ୍ତି । କିନ୍ତୁ ମନେରଖିବା ଉଚିତ ପାଟିକୁ ସୁଆଦ ଏବଂ ଅଭ୍ୟାସରେ ପରିବର୍ତ୍ତନ ନ ଆଣିବା ଦ୍ୱାରା ଏହି ପେୟ ପଦାର୍ଥ ସ୍ୱାସ୍ଥ୍ୟର ଶତ୍ରୁ ପାଲଟିଥାଏ । ଗବେଷଣାରେ ପ୍ରାୟ ୫୦ ହଜାର ଲୋକଙ୍କୁ ସାମିଲ କରାଯାଇଥିଲା । ଏମାନଙ୍କ ବୟସ ପ୍ରାୟ ୪୦ ରୁ ୭୫ ବର୍ଷ ମଧ୍ୟରେ ଥିଲା । ନିଷ୍କର୍ଷରୁ



ଜଣାପଡିଲା, ପ୍ରତିଦିନ ୭୦୦ ଏମଏଲ୍ ଗରମ୍ ଚା' (୬୦ ଡିଗ୍ରୀ ସେଲସିୟସ୍ କିମ୍ବା ତା'ଠୁ ଅଧିକ) ତାପମାତ୍ରାରେ ପିଇବା ଦ୍ୱାରା ଗଳା କ୍ୟାନସର ଆଶଙ୍କା ୯୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇଥାଏ ।

## ଆଜିର ଚିନ୍ତନ

**କଂ**ସ ନିଧନ ପରେ ଯେତେବେଳେ ଶ୍ରୀକୃଷ୍ଣ ମଥୁରାନଗରୀର ବନ୍ଦିଶାଳାକୁ ଯାଇ ପିତା ବସୁଦେବ ଓ ମାତା ଦେବକୀଙ୍କୁ ବନ୍ଧନମୁକ୍ତ କଲେ, ସେତେବେଳେ ମା' ଦେବକୀ ଛାତିରେ ଛାତିଏ କୋହ ଓ ଆଖିରେ ଆଖିଏ ଲୁହ ନେଇ ଶ୍ରୀକୃଷ୍ଣଙ୍କୁ ପଚାରିଲେ- 'ଧନରେ ! ତୁ ହେଉଛୁ ସ୍ୱୟଂ ଭଗବାନ ! ଆମେ ଦୁହେଁ ତୋର ପିତାମାତା । ଆମେ ଏମିତି କି ପାପ କରିଥିଲୁ ଯେ ଆମକୁ ଚଉଦବର୍ଷ କାଳ ଏ ବନ୍ଦୀଶାଳାରେ ରଖି ଏତେ ଦୁଃଖ କଷ୍ଟ ଦେଲୁ ?' ଏ ପ୍ରଶ୍ନରେ ଶ୍ରୀକୃଷ୍ଣ ଅଳ୍ପ ହସି ମାତା ଦେବକୀଙ୍କୁ ପଚାରିଲେ- ମାଆ ! ମୁଁ ଏମିତି କି ପାପ କରିଥିଲି ଯେ ତୁମେ ମୋତେ ଚଉଦବର୍ଷ ବନବାସ ପଠେଇ ଦେଲ ? ରାତି ପାହିଥିଲେ ରାଜା ହୋଇଥାନ୍ତି, ମାତ୍ର ତୁମ ପାଇଁ ମୋତେ ଜଟାଜୁଟ ବକଳ ଧରି ବନକୁ ଯିବାକୁ ପଡ଼ିଲା ।

ଏ ପ୍ରଶ୍ନରେ ଚମକି ପଡ଼ି ଦେବକୀ ପଚାରିଲେ- 'ମୁଁ ତୋତେ ଚଉଦବର୍ଷ ବନବାସ ପଠେଇଥିଲି ? ତୁ ଏ କ'ଣ କହୁଛୁ ପୁତ୍ର ? ଶ୍ରୀକୃଷ୍ଣ ଉତ୍ତର ଦେଲେ- 'ହଁ ମାଆ ! ଗତ ଜନ୍ମରେ ତୁମେ ଥିଲ ମହାରାଣୀ କୈକେୟୀ ଓ ପିତା ବସୁଦେବ ଥିଲେ ମହାରାଜ ଦଶରଥ । ତୁମେ ଦୁହେଁ ମୋତେ ବିନା ଦୋଷରେ ଚଉଦବର୍ଷ ବନବାସ ପଠେଇଥିଲ । ସେଥିପାଇଁ ତୁମ ଦୁହିଁଙ୍କୁ ଏ ଜନ୍ମରେ ଏ ବନ୍ଦୀଶାଳା ଭିତରେ ଚଉଦବର୍ଷ କଟେଇବାକୁ ପଡ଼ିଲା । ଆଶ୍ଚର୍ଯ୍ୟ ସ୍ୱରରେ ଦେବକୀ ପଚାରିଲେ- 'ଆଉ ରାଣୀ କୌଶଲ୍ୟା ? 'ଶ୍ରୀକୃଷ୍ଣ କହିଲେ- 'ସେ ହେଉଛନ୍ତି ଏ ଜନ୍ମର ଯଶୋଦା । ଗତ ଜନ୍ମରେ ସେ ଚଉଦ ବର୍ଷ କାଳ ପୁତ୍ର ବିଚ୍ଛେଦ ସହ୍ୟ କରିଥିବାରୁ ଏ ଜନ୍ମରେ ମୋତେ ତାଙ୍କ ସହ ଗୋପପୁରରେ ଚଉଦବର୍ଷ କଟେଇବାକୁ ପଡ଼ିଲା । ପୁଅ ମୁହଁରୁ ଏ ଉତ୍ତର ଶୁଣି ନୀରବ ହୋଇଗଲେ ଦେବକୀ । ନିରପେକ୍ଷ, ବିଚାରବନ୍ତ ଭଗବାନ୍ ଯେ ନିଜ ପିତାମାତାଙ୍କୁ ପ୍ରାରବ୍ଧଭୋଗରୁ ରକ୍ଷା କରି ପାରି ନଥିଲେ, ଏ କଥାଟି ତା'ର ଜ୍ୱଳନ୍ତ ପ୍ରମାଣ । ଆଜି ନ ହେଲେ କାଲି କର୍ମଫଳ ଭୋଗ ଅନିବାର୍ଯ୍ୟ । ଉପର ବର୍ଣ୍ଣିତ ଆଖ୍ୟାନଟିକୁ ଅନେକ ପାଠକ ପାଠିକା ବିଶ୍ୱାସ ନକରି ବି ପାରନ୍ତି । ମାତ୍ର ଏ କଥା ଚନ୍ଦ୍ରସୂର୍ଯ୍ୟ ଭଳି ସତ୍ୟ ଯେ, ସ୍ୱର୍ଗ ମର୍ତ୍ତ୍ୟ ବୋଲି କିଛି ନାହିଁ । ଏଇଠି ସ୍ୱର୍ଗ ଏଇଠି ନର୍କ । ଭଲ କର୍ମ କଲେ ସ୍ୱର୍ଗସୁଖ ମିଳେ । ମନ୍ଦକର୍ମ ପାଇଁ ନର୍କଯନ୍ତ୍ରଣା ଭୋଗ କରିବାକୁ ପଡ଼ିଥାଏ । ମଣିଷର ମୃତ୍ୟୁ ପରେ ପତ୍ନୀ ଏରୁଣ୍ଡିବନ୍ଧ ଯାଏ, ଆତ୍ମୀୟଜନ ଶ୍ମଶାନ ଯାଏ ଓ ପୁତ୍ର ଅଗ୍ନିଦାନ ଯାଏ ଯାଆନ୍ତି, କିନ୍ତୁ କେବଳ ଗୋଟିଏ ମାତ୍ର ଜିନିଷ ମଣିଷ ସହ ଈଶ୍ୱରଙ୍କ ନିକଟକୁ ଯାଏ, ତାହା ହେଉଛି ମଣିଷର କର୍ମ । ଏଣୁ ଈଶ୍ୱରଙ୍କୁ ନୁହେଁ, ନିଜ କର୍ମକୁ ହିଁ ଡରନ୍ତୁ । ଈଶ୍ୱର ହୁଏତ ଆପଣଙ୍କୁ କ୍ଷମା କରି ଦେଇ ପାରନ୍ତି, ମାତ୍ର କର୍ମ ନୁହେଁ । ବାଛୁରୀ ଯେମିତି ଶହଶହ ଗାଈଙ୍କ ଭିତରେ ନିଜ ମାଆ ଗାଈକୁ ଚିହ୍ନିନିଏ, ସେମିତି କର୍ମଫଳ କର୍ତ୍ତାଙ୍କୁ ହିଁ ଖୋଜିନିଏ । ଏଣୁ ଶାସ୍ତ୍ର କହେ- 'କର୍ମ କରିବ କଷ୍ଟ ସହି, କର୍ମରେ ଭଲ ମନ୍ଦ ନାହିଁ । ସତ୍ୟ କର୍ମରେ ଧର୍ମ ଅଛି, ଧର୍ମ କରିବ କର୍ମ ବାଛି । ନୀରବରେ କର୍ମ କରି ଚାଲନ୍ତୁ । କର୍ମ ଅନୁସାରେ ଫଳ ଅବଶ୍ୟ ମିଳିବ । ପ୍ରତିଶୋଧ ନେବା ପାଇଁ ବ୍ୟସ୍ତ ହୁଅନ୍ତୁ ନାହିଁ, କେବଳ ଚୁପ୍‌ଚାପ୍ ଅପେକ୍ଷା କରନ୍ତୁ । ଯିଏ ଅନ୍ୟର ଆଖିରେ ଲୁହ ଦେଇଛି, ସିଏ ନିଶ୍ଚିତ କାନ୍ଦିବ । ଆଉ ଯଦି ଆପଣ ଭାଗ୍ୟବାନ ହୋଇଥିବେ, ତା' ହେଲେ ଆପଣ ତାହା ନିଜ ଆଖିରେ ଦେଖିବେ । କାରଣ କର୍ମଫଳ ବଡ଼ ନିଷ୍ଠୁର । ସେ ନିମିଷକରେ ରଙ୍କକୁ ରାଜା କରିଦିଏ ଆଉ ରାଜାକୁ କରିଦିଏ ଲଙ୍ଗଳା ଫକିର ।

ସ୍ୱୀକାର
ବର୍ଷ ୨୭, ସଂଖ୍ୟା - ୫୩, ୩୧ ଡିସେମ୍ବର - ୬ ଜାନୁଆରୀ ୨୦୨୪

# ୨୭ ବର୍ଷରେ ବିଜେଡ଼ି

ବିଜୁ ଜନତା ଦଳ (ବିଜେଡି)କୁ ୨୬ ବର୍ଷ ପୂରଣ ହୋଇଛି । ୨୭ ବର୍ଷରେ ପଦାର୍ପଣ କରିଛି ଦଳ । ୨୬ ଡିସେମ୍ବର ୧୯୯୭ ମସିହାରେ ପ୍ରତିଷ୍ଠିତ ଓଡ଼ିଶାର ଏହି ସର୍ବବୃହତ ଆଞ୍ଚଳିକ ଦଳର ବିଶେଷତ୍ୱ ହେଲା-ଏହି ଦଳ ଜନ୍ମ ନେବା ପରଠାରୁ କେବେବି ନିର୍ବାଚନରେ ପରାଜୟର ସମ୍ମୁଖୀନ ହୋଇନି ବା କ୍ଷମତାରୁ ଦୂରେଇ ରହିନି । ୨୦୦୦ ମସିହାରୁ ଆଜିଯାଏଁ ଓଡ଼ିଶାବାସୀ ବିଜୁ ଜନତା ଦଳ ଉପରେ ଆସ୍ଥା ପ୍ରକଟ କରି ଆସୁଛନ୍ତି । ଦଳ ଗଠନରୁ ଏପର୍ଯ୍ୟନ୍ତ ସଭାପତି ଥିବା ନବୀନ ପଟ୍ଟନାୟକ କ୍ରମାଗତ ୫ମ ଥର ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇ ଇତିହାସ ସୃଷ୍ଟି କରିଛନ୍ତି । ଦୀର୍ଘବର୍ଷ କ୍ଷମତାରେ ରହିବା ସତ୍ତ୍ୱେ ଦଳ ଆଜି ଓଡ଼ିଶାରେ ଏକ ମଜଭୁତ ବା ଶକ୍ତିଶାଳୀ ସ୍ଥିତିରେ ରହିଛି, ଯାହା ବିରୋଧୀ ଦଳଗୁଡ଼ିକ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛି ।

ଆଗକୁ ୨୦୨୪ ନିର୍ବାଚନ । ସାଧାରଣ ନିର୍ବାଚନ ସହ ଓଡ଼ିଶାର ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ । ଓଡ଼ିଶାରେ ପୁଣିଥରେ କ୍ଷମତା ଦଖଲ କରିବା ଲକ୍ଷ୍ୟରେ ବିଜେଡି ନିଜର ସାଙ୍ଗଠନିକ ଶକ୍ତିକୁ ବୃଦ୍ଧି କରିଚାଲିଛି ।


ନବୀନଙ୍କୁ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରି ସାରା ଦେଶରେ ରେକର୍ଡ ସୃଷ୍ଟି କରିବାକୁ ଦଳର ଯୋଜନା ରହିଛି । ଅପରପକ୍ଷରେ ଦଳର ସାଙ୍ଗଠନିକ ଶକ୍ତି ବଢ଼ିବା ସାଙ୍ଗକୁ ଆଶାୟୀଙ୍କ ସଂଖ୍ୟା ମଧ୍ୟ ଅଧିକ ହେଲାଣି । ଟିକଟ ନମିଳିଲେ ସେମାନେ ବିରୋଧୀ ଶିବିରକୁ ଡେଇଁବାର ମଧ୍ୟ ସମ୍ଭାବନା ରହିଛି । ନିର୍ବାଚନ ମଣ୍ଡଳୀସ୍ତରୀ ନେତାଙ୍କୁ ଅଇଥାନ ଆଗାମୀ ଦିନରେ ବିଜେଡି ପାଇଁ ବଡ଼ ଆହ୍ୱାନ ହୋଇପାରେ ।

୨୬ ବର୍ଷ ତଳେ ଗଠିତ ବିଜେଡି ଆଞ୍ଚଳିକ ଦଳ ଭାବେ ଏହାର ସ୍ଥିତିକୁ ମଜଭୁତ କରିଛି । ବିଜେଡି ଆଜି କେବଳ ଏକ ରାଜନୈତିକ ଦଳ ହୋଇ ରହିନି ଏବଂ ଏହା ସାମାଜିକ ଆନ୍ଦୋଳନର ରୂପ ନେଇ ଓଡ଼ିଶାବାସୀଙ୍କ ନିକଟତର ହୋଇ ପାରିଛି ।

ପ୍ରତିଥରର ନିର୍ବାଚନୀ ସଫଳତା ଏହା ହିଁ ସୂଚାଉଛି । ଦଳର ଭୋଟ୍ ହାର ବୃଦ୍ଧି ପାଉଛି । ବିଗତ ବର୍ଷଗୁଡ଼ିକରେ ଅନେକ ଆଞ୍ଚଳିକ ଦଳ ଓଡ଼ିଶାରେ ଜନ୍ମ ନେଇଥିଲେ ହେଁ ସେଥିରୁ କିଛି ସମୟ କ୍ରମେ ବିଲୀନ ହୋଇଯାଇଛନ୍ତି । ବିଜେଡି ସେ ଦୃଷ୍ଟିରୁ ଏକ ବ୍ୟତିକ୍ରମ । ୧୯୯୭ ମସିହା ଏପ୍ରିଲ ୧୭ରେ ବିଜୁବାବୁଙ୍କ ଦେହାନ୍ତ ପରେ ରାଜ୍ୟରେ ଅଣକଂଗ୍ରେସ ରାଜନୀତିର ନେତୃତ୍ୱ ନେବାରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହୋଇଥିଲା ।

ଠିକ୍ ଏହି ସମୟରେ ବିଜୁବାବୁଙ୍କ ନାମରେ ଦଳ ଗଠନ ଏବଂ ନବୀନ ପଟ୍ଟନାୟକଙ୍କ ଆବିର୍ଭାବ ରାଜ୍ୟ ରାଜନୀତିରେ ଅଣ କଂଗ୍ରେସ ନେତୃତ୍ୱର ଶୂନ୍ୟସ୍ଥାନକୁ ପୂରଣ କଲା । ରାଜନୀତିରେ ସମ୍ପୂର୍ଣ୍ଣ ନବାଗତ ଥିବା ନବୀନଙ୍କ କାର୍ଯ୍ୟଦକ୍ଷତାକୁ ନେଇ ଅତୀତରେ ଅନେକ ପ୍ରଶ୍ନ ଉଠାଯାଇଥିଲା, କିନ୍ତୁ ସେ ସମସ୍ତ ଆକ୍ଷେପକୁ ଭୁଲ ପ୍ରମାଣିତ କରି ବିରୋଧୀଙ୍କ ମୁହଁ ବନ୍ଦ କରିବାରେ ସେ ସକ୍ଷମ ହୋଇଛନ୍ତି ।

ବିଜେଡି ଗଠନ ହେବା ଦିନଠାରୁ ସଫଳତା ପାଇଆସୁଛି । ୨୦୦୦ ଏବଂ ୨୦୦୪ ନିର୍ବାଚନରେ ବିଜେପି ସହ ମେଣ୍ଟ କରି ବିଜେଡି କ୍ଷମତାରେ ଥିଲା; କିନ୍ତୁ ମେଣ୍ଟ ଭାଙ୍ଗିବା ପରେ ୨୦୦୯, ୨୦୧୪ ଏବଂ ୨୦୧୯ ନିର୍ବାଚନରେ ଏକାକୀ ବିଜେଡି ବିପୁଳ ସଂଖ୍ୟା ଗରିଷ୍ଠତା ହାସଲ କରି କ୍ଷମତାସୀନ ହୋଇଛି । ବିଭିନ୍ନ ସମୟରେ ଅନେକ ଆହ୍ୱାନର ମୁକାବିଲା କରି ଦଳ ଏବଂ ଏହାର ନେତା ପାଲଟିଛନ୍ତି ଅପରାଜେୟ । ରାଜ୍ୟରେ ଦୁଇଟି ପ୍ରମୁଖ ଜାତୀୟ ଦଳ ରହିଥିବାବେଳେ କଂଗ୍ରେସ ବିଭିନ୍ନ କାରଣରୁ ଦୁର୍ବଳ ସ୍ଥିତିକୁ ଚାଲିଆସିଛି । ବିଗତ ନିର୍ବାଚନରେ ବିଜେଡିର ଜୟଯାତ୍ରାରେ ବିଜେପି ପ୍ରତିବନ୍ଧକ ହେବ ବୋଲି ରାଜନୈତିକ ସମୀକ୍ଷକମାନେ ଯାହା ଆକଳନ କରୁଥିଲେ, ତାହା ମଧ୍ୟ ସଫଳ ହୋଇପାରିନି । ଜାତୀୟସ୍ତରରେ ୨୦୧୪ ନିର୍ବାଚନରେ ମୋଦୀ ହାୱା ଯେଉଁ ପ୍ରଭାବ ପକାଇଲା, ଓଡ଼ିଶାରେ ତାହାର ଝଲକ ଦେଖିବାକୁ ମିଳିଲାନି । ୨୦୧୯ରେ ମଧ୍ୟ ବିଜେଡିକୁ କ୍ଷମତାରୁ ଦୂରେଇବାରେ ବିଜେପିର ରଣନୀତି କାମ ଦେଲା ନାହିଁ । ଗତବର୍ଷ ପଞ୍ଚାୟତ ଏବଂ ପୌର ନିର୍ବାଚନରେ ଦଳ ଏକପାଖିଆ ବିଜୟ ହାସଲ କରିଛି । ୩୦ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଆସନ ହାତେଇ ବିରଳ ରେକର୍ଡ ସୃଷ୍ଟି କରିଛି ବିଜେଡି । ସେହିପରି ବିଭିନ୍ନ ଉପନିର୍ବାଚନରେ ମଧ ଦଳର ପତିଆରା ଜାରି ରହିଛି । କେବଳ ରାଜ୍ୟ ରାଜନୀତି ନୁହେଁ ଜାତୀୟ ରାଜନୀତିରେ ମଧ ବିଜେଡିର ପ୍ରଭାବ ବିଭିନ୍ନ ସମୟରେ ଦେଖିବାକୁ ମିଳିଛି ।



# ମୋ'ର ରକ୍ଷାକର୍ତ୍ତା

**ମହାତ୍ମା ଗାନ୍ଧୀ**

ମୋ'ର ବୁଦ୍ଧି ଏବଂ ମୋ'ର ହୃଦୟ ବହୁଦିନ ପୂର୍ବେ ସତ୍ୟକୁ ହିଁ ଭଗବାନଙ୍କର ସର୍ବୋଚ୍ଚ ଗୁଣ ତଥା ନାମରୂପେ ଉପଲବ୍ଧି କରିଥିଲେ ହେଁ, ମୁଁ ରାମଙ୍କ ନାମକୁ ମାଧ୍ୟମ କରି ହିଁ ସତ୍ୟକୁ ଚିହ୍ନେ । ମୋ' ପରୀକ୍ଷାର ଅନ୍ଧକାରତମ ସମୟରେ ସେହି ନାମଟି ହିଁ ମୋତେ ରକ୍ଷା କରିଛି । ଏବେ ମଧ ରକ୍ଷା କରିବାରେ ଲାଗିଛି । ବାଲ୍ୟକାଳରେ ଏହି ନାମଟି ସହିତ ପରିଚିତ ହୋଇ ଆସିଥିବାରୁ ଏପରି ହେଇ ଥାଇପାରେ ଅଥବା, ମୋ' ଭିତରେ କଟି ତୁଳସୀଦାସ ଆଣି ଦେଇଥିବା ଆକର୍ଷଣ ମଧ ଏହାର କାରଣ ହୋଇପାରେ ।

ମାତ୍ର ସେହି ଶକ୍ତିଶାଳୀ ସତ୍ୟଟି ତଥାପି ସେହିପରି ରହିଛି ମୁଁ ଏହି ଧାଡ଼ିଗୁଡ଼ିକୁ ଲେଖୁଥିବା ସମୟରେ, ମୋ'ର ସ୍ମୃତି ଭିତରେ ମୋ' ଶୈଶବର ସେହି ଦୃଶ୍ୟଗୁଡ଼ିକ ପୁନର୍ବାର ଉକୁଟି ଉଠୁଛି, ଯେତେବେଳେ କି ମୁଁ ମୋ' ପୂର୍ବପୁରୁଷ ଅମଳରୁ ରହି ଆସିଥିବା ବାସସ୍ଥାନର ନିକଟବର୍ତ୍ତୀ ରାମଜୀ ମନ୍ଦିରକୁ ନିତି ଯାଉଥିଲି । ସେତେବେଳେ ମୋ'ର ରାମ ସେହିଠାରେ ଅବସ୍ଥାନ କରୁଥିଲେ । ସେ ମୋତେ କେତେ କେତେ ଭୟ ଏବଂ ପାପରୁ ରକ୍ଷା କରିଛନ୍ତି । ଏହା ମୋ' ଲାଗି ଆଦୌ ଏକ ଅନ୍ଧବିଶ୍ୱାସ ନଥିଲା । ସେହି ମୂର୍ତ୍ତିଟିର ପୂଜକ ହୁଏତ ଜଣେ ମନ୍ଦ ବ୍ୟକ୍ତି ହୋଇପାରନ୍ତି । ମୁଁ ତାଙ୍କ ନାମରେ ଆଦୌ କୌଣସି କଥା ଆଦୌ କିଛି ଜାଣିନାହିଁ । ତେଣୁ, ମୋ' ଉପରେ ସେଗୁଡ଼ିକର କୌଣସି ପ୍ରଭାବ କାହିଁକି ପଡ଼ିବ ? ଯାହା ମୋ' ଜୀବନରେ ସତ୍ୟ ଥିଲା ଏବଂ ବର୍ତ୍ତମାନ ମଧ ସତ୍ୟ ଅଛି, ତାହା ଲକ୍ଷ ଲକ୍ଷ ହିନ୍ଦୁଙ୍କର ଜୀବନରେ ମଧ ସତ୍ୟ ହୋଇ ରହିଛି । ମୁଁ ଯେତେବେଳେ କୌଣସି କାରଣରୁ ଭୟ କରୁଥିବି ଅଥବା ଆପଣାକୁ ଦୁଃଖୀ ବୋଲି ଅନୁଭବ କରୁଥିବି, ସେତେବେଳେ ରାମନାମ ଜପ କରିବାଲାଗି ପିଲାଦିନେ ମୋର ଧାଈମାଆ ମୋତେ ଶିକ୍ଷା ଦେଇଥିଲେ ଏବଂ ମୋ'ର ଜ୍ଞାନ ଓ ବୟସ ବୃଦ୍ଧି ପାଇବା ସହିତ ଏହି ଅଭ୍ୟାସଟି ମୋ' ଜୀବନର ଏକ ଦ୍ୱିତୀୟ ସ୍ୱଭାବରେ ହିଁ ପରିଣତ ହୋଇରହିଛି । ମୁଁ ତ ଏପରି ମଧ କହିପାରିବି ଯେ, ସେହି ପରମ ଶବ୍ଦଟି ପ୍ରକୃତରେ ମୋ' ତୁଣ୍ଡରେ ସର୍ବଦା ଉଚ୍ଚାରିତ ହେଉ ନଥିଲେ ମଧ ଦିନମାନରେ ଚବିଶି ଘଣ୍ଟା ମୋ' ହୃଦୟ ଭିତରେ ଲେଖାହୋଇ ରହିଛି । ତାହା ମୋ'ର ରକ୍ଷାକର୍ତ୍ତାରୂପେ କାର୍ଯ୍ୟ କରିଆସିଛି ଏବଂ ମୁଁ ସବୁକାଳ ଲାଗି ତାହାରି ମଧ୍ୟରେ ଅବସ୍ଥିତ ରହିଛି । ପୃଥିବୀର ଅଧ୍ୟାତ୍ମ-ସାହିତ୍ୟରେ ତୁଳସୀଦାସଙ୍କର ରାମାୟଣ ଏକ ଅଗ୍ରସ୍ଥାନ ଅଧିକାର କରିଛି । ଏହି ଗ୍ରନ୍ଥରେ ଏପରି ନାନା ଚମତ୍କାର ବିଷୟ ରହିଛି, ଯାହାକୁ କି ମୁଁ ମହାଭାରତରେ ଦେଖିବାକୁ ପାଏନାହିଁ, ଏପରିକି ବାଲ୍ମିକୀଙ୍କର ରାମାୟଣରେ ମଧ ନୁହେଁ । ଶୈଶବ କାଳରୁ ହିଁ ମୁଁ ତୁଳସୀଦାସଙ୍କର ଜଣେ ଭକ୍ତ ହୋଇ ରହି ଆସିଛି ଏବଂ ତେଣୁ ସର୍ବଦା ରାମଙ୍କୁ ହିଁ ଭଗବାନ ବୋଲି ଆରାଧନା କରିଛି । ମାତ୍ର ମୁଁ ତଥାପି ଜାଣିଛି ଯେ ଯଦି ଜଣେ ବ୍ୟକ୍ତି ଓଁକାରଠାରୁ ଆରମ୍ଭ କରି ସକଳ କାଳରେ ସକଳ ଦେଶରେ ତଥା ସକଳ ଭାଷାରେ ପ୍ରଚଳିତ ରହି ଆସିଥିବା ବିଭୁ ନାମର ସମ୍ପୂର୍ଣ୍ଣ ଭଣ୍ଡାରଟି ମଧ୍ୟରେ ପ୍ରବେଶ କରିବ, ତେବେ ସେ ସେହି ଏକା ଫଳ ସବୁବେଳେ ପାଇବ । ସେ ଏବଂ ତାଙ୍କର ବିଧାନ ପରସ୍ପରଠାରୁ ଆଦୌ ଭିନ୍ନ ନୁହେଁ । ତେଣୁ ତାଙ୍କର ବିଧାନଗୁଡ଼ିକର ପାଳନ ହେଉଛି ତାଙ୍କର ଉପାସନା କରିବାର ସର୍ବୋତ୍ତମ ବାଟ ।

ରାମ ବା ରାମନାମର ଉଚ୍ଚାରଣ କେବଳ ହିନ୍ଦୁମାନଙ୍କ ପାଇଁ ଏବଂ ତେଣୁ ମୁସଲମାନମାନେ କିପରି ଏହାକୁ ଉଚ୍ଚାରଣ କରିବେ ବୋଲି ଯେତେବେଳେ କେହି ଆପତ୍ତି କରି କହନ୍ତି, ସେତେବେଳେ ନିଜ ଭିତରେ ମୋତେ ପ୍ରକୃତରେ ହସ ମାଡୁଥାଏ । କ'ଣ ମୁସଲମାନମାନଙ୍କ ପାଇଁ ଗୋଟିଏ ଭଗବାନ ଅଛନ୍ତି ଏବଂ ସେହିପରି ହିନ୍ଦୁ, ପାର୍ସୀ ବା ଖ୍ରୀଷ୍ଟିୟାନମାନଙ୍କ ପାଇଁ ଆଉ ଗୋଟିଏ ଗୋଟିଏ ଭଗବାନ ଅଛନ୍ତି ? ମୋଟେ ନୁହେଁ, ଭଗବାନ କେବଳ ଗୋଟିଏ ଏବଂ ସେ ହେଉଛନ୍ତି ସର୍ବଶକ୍ତିମାନ୍ ଏବଂ ସର୍ବତ୍ର ବିଦ୍ୟମାନ । ତାଙ୍କୁ ବିଭିନ୍ନ ପ୍ରକାରର ନାମ ଦିଆଯାଇଛି ଏବଂ, ଯେଉଁ ନାମଟି ଆମ ପାଖରେ ସର୍ବାଧିକ ପରିଚିତ, ଆମେ ତାଙ୍କୁ ସେହି ନାମରେ ହିଁ ସ୍ମରଣ କରୁଛୁ ।

ମୋ' ରାମ, ଆମ ପ୍ରାର୍ଥନାଗୁଡ଼ିକରେ ଆମେ ଯେଉଁ ରାମଙ୍କର ନାମ ଉଚ୍ଚାରଣ କରୁଛୁ, ସେ ଇତିହାସର ରାମ ନୁହନ୍ତି, ଅର୍ଥାତ୍ ସେ ଦଶରଥଙ୍କର ପୁତ୍ର ନୁହନ୍ତି ଅଥବା ଅଯୋଧ୍ୟାର ଅଧିପତି ନୁହନ୍ତି । ସିଏ ଶାଶ୍ୱତ, ସେ ଅଜ, ଅଦ୍ୱିତୀୟ । ମୁଁ କେବଳ ତାଙ୍କୁ ହିଁ ଉପାସନା କରୁଛି । ମୁଁ କେବଳ ତାଙ୍କରି ସହାୟତାକୁ ପ୍ରତ୍ୟକ୍ଷ କରୁଛି ଏବଂ ତୁମେ ମଧ ତାହାହିଁ କରିବ । ସେ ସମାନ ଭାବରେ ସମସ୍ତଙ୍କର ଓ ତେଣୁ, ଜଣେ ମୁସଲମାନ କିମ୍ବା ଆଉ କୌଣସି ବ୍ୟକ୍ତି ତାଙ୍କର ନାମ ନେବାରେ କାହିଁକି ଯେ ଆପତ୍ତି କରିବ, ମୁଁ ତାହାର କୌଣସି କାରଣ ଦେଖୁନାହିଁ । ମାତ୍ର, ଭଗବାନଙ୍କୁ କେବଳ ରାମନାମ ବୋଲି ସ୍ୱୀକାର କରିବାକୁ ସେ କଦାପି ବାଧ୍ୟ ହେବନାହିଁ ।

ସେ ନିଜ ଭିତରେ ଆଲ୍ଲା କିମ୍ବା ଖୋଦାଙ୍କର ନାମ ଅବଶ୍ୟ ନେଇ ପାରିବ, ଯେପରିକି ଧ୍ୱନିଟିର ସମଞ୍ଜସତା ଆଦୌ ନଷ୍ଟ ହେବନାହିଁ ।

ସୀତାଙ୍କର ସ୍ୱାମୀ ଏବଂ ଦଶରଥଙ୍କର ପୁତ୍ର ବୋଲି ବର୍ଣ୍ଣିତ ହୋଇଥିବା ରାମ ହେଉଛନ୍ତି ମୋ' ଲାଗି ସେହି ସର୍ବଶକ୍ତିମାନ୍ ସତ୍ୟ, ଯାହାଙ୍କର ନାମ ହୃଦୟ ମଧ୍ୟରେ ଅଙ୍କିତ ହୋଇ ରହିଥାଏ ଏବଂ ମାନସିକ, ନୈତିକ ତଥା ଶାରୀରିକ ସକଳ ଦୁଃଖକୁ ହରଣ କରିନିଏ ।


ଗୋଟିଏ ଉଚିତ୍ ପ୍ରଶ୍ନ ହେଉଛି ଯେଉଁ ବ୍ୟକ୍ତି ନିୟନ୍ତ୍ରିତ ଭାବରେ ରାମନାମ ଜପ କରୁଛି ଏବଂ ଏକ ବିଶୁଦ୍ଧ ଜୀବନ ଯାପନ କରୁଛି, ସେ କାହିଁକି ଆଦୌ କୌଣସି ବେମାରରେ ପଡ଼ିବ ? ମଣିଷ ହେଉଛି ସ୍ୱଭାବତଃ ଏକ ଅପୂର୍ଣ୍ଣ ସତ୍ତା । ଜଣେ ବିଚାରଶୀଳ ବ୍ୟକ୍ତି ପୂର୍ଣ୍ଣତା ଲାଭ କରିବ ବୋଲି ଉଦ୍ୟମ କରୁଥାଏ, ମାତ୍ର କେବେହେଲେ ତାହା ଲାଭ କରି ପାରେନାହିଁ । ଯେତେ ଅଜାଣତରେ ହେଲେ ମଧ ବାଟରେ ଝୁଣ୍ଟିବାରେ ଲାଗିଥାଏ । ଈଶ୍ୱରଙ୍କର ସମଗ୍ର ବିଧାନଟି ଏକ ଶୁଦ୍ଧ ଜୀବନରେ ହିଁ ମୂର୍ତ୍ତ ହୋଇ ରହିଥାଏ । ନିଜର ଅପୂର୍ଣ୍ଣତାଗୁଡ଼ିକୁ ଉପଲବ୍ଧି କରିବା ହେଉଛି ସର୍ବପ୍ରଥମ ଆବଶ୍ୟକତା । ତେଣୁ ଏହା ଅତ୍ୟନ୍ତ ସ୍ପଷ୍ଟ ହୋଇ ଯାଉଛି ଯେ, ଆମେ ଯେଉଁ ମୁହୂର୍ତ୍ତରେ ସେହି ସୀମାଗୁଡ଼ିକୁ ଲଂଘନ କରି ପକାଇବା, ସେତିକି ବେଳେ ହିଁ ଆମେ ଅସୁସ୍ଥ ହେବା । ଏହିପରି ଭାବରେ, ଆବଶ୍ୟକତା ଅନୁସାରେ ଖିଆ ଯାଉଥିବା ଏକ ସନ୍ତୁଳିତ ଆହାର ଜଣେ ବ୍ୟକ୍ତିକୁ ରୋଗମୁକ୍ତ କରି ରଖେ । ନିଜ ପାଇଁ ଯଥୋଚିତ ଖାଦ୍ୟ ପ୍ରକୃତରେ କ'ଣ ଏକଥା ଆମେ କିପରି ଜାଣି ପାରିବା ? ଏହିପରି ଭାବରେ ଏପରି ଏକାଧିକ ସମସ୍ୟାର କଳ୍ପନା କରାଯାଇ ପାରିବ । ଏହି ସବୁକିଛିର ତାତ୍ପର୍ଯ୍ୟ ହେଉଛି ଯେ, ପ୍ରତ୍ୟେକ ବ୍ୟକ୍ତିକୁ ତା'ର ନିଜ ଚିକିତ୍ସକ ହେବାକୁ ପଡ଼ିବ ଏବଂ ଆପଣାର ସୀମାଗୁଡ଼ିକୁ ଆବିଷ୍କାର କରିବାକୁ ପଡ଼ିବ । ଯିଏ ଏପରି କରିପାରିବ, ସେ ୧୨୫ ବର୍ଷ ଯାଏ ଅବଶ୍ୟ ବଞ୍ଚିବ ।

ତୁମର ହରାଇ ବସିଥିବା କୌଣସି ଅଙ୍ଗକୁ ଆଣି ତୁମ ଦେହରେ ପୁନର୍ବାର ଯୋଡ଼ି ଦେବା ରାମନାମ କଦାପି ଏହି ଅଲୌକିକ ଘଟଣାଟିକୁ ଘଟାଇ ପାରିବନାହିଁ । ମାତ୍ର, ଅଙ୍ଗଟିକୁ ହରାଇ ଥିବାରୁ ତୁମର ଯେଉଁ କ୍ଷତି ହୋଇଛି, ତାହା ସତ୍ତ୍ୱେ ତୁମକୁ ନିଜ ଜୀବନରେ ଏକ ଅନିର୍ବଚନୀୟ ଶାନ୍ତି ଆଣି ଦେବାରେ ସାହାଯ୍ୟ କରି ରାମନାମ ସେହି ଅଧିକ ବୃହତ୍ ଅଲୌକିକ ଘଟଣାଟିକୁ ଅବଶ୍ୟ ସମ୍ଭବ କରିପାରିବ । ତାହା ମୃତ୍ୟୁର ଦଂଶନକୁ ହରଣ କରି ନେଇପାରିବ, ଏବଂ ଜୀବନର ଯାତ୍ରାଶେଷରେ ତୁମ ଉପରେ ଶ୍ମଶାନର ଜୟଲାଭକୁ ମଧ ପଣ୍ଡ କରିଦେଇ ପାରିବ । ମୃତ୍ୟୁ ତ ସହଳରେ ହେଉ ଅଥବା ବିଳମ୍ବରେ ହେଉ ପ୍ରତ୍ୟେକ ବ୍ୟକ୍ତି ଲାଗି ଅବଶ୍ୟ ଆସିବ, ତେବେ ତାହା କେବେ ଆସିବ, ସେଥିଲାଗି ଆମେ ବ୍ୟସ୍ତ ହୋଇ ପଡୁଥିବା କାହିଁକି ?

ପ୍ରାକୃତିକ ଚିକିତ୍ସାର ଅଭ୍ୟାସ କରିବା ନିମନ୍ତେ ଉଚ୍ଚ ଶିକ୍ଷାଗତ ଯୋଗ୍ୟତା ଅଥବା ଅତ୍ୟଧିକ ପାଣ୍ଡିତ୍ୟର କୌଣସି ଆବଶ୍ୟକତା ନାହିଁ । ସହଜତା ହେଉଛି ବିଶ୍ୱଜନୀନତାର ଅସଲ କଥା । କୋଟି କୋଟି ଜନସାଧାରଣଙ୍କର ଉପକାର ନିମନ୍ତେ ଯାହା କିଛି ଉଦ୍ଦିଷ୍ଟ, ସେଥିଲାଗି ଖୁବ୍‌ବେଶୀ ପାଣ୍ଡିତ୍ୟର କୌଣସି ପ୍ରୟୋଜନ ନାହିଁ । କେବଳ ପଣ୍ଡିତ୍ୟକୁ ହାସଲ କରି ପାରିବେ, ତେଣୁ ତାହା କେବଳ ଧନୀମାନଙ୍କୁ ହିଁ ଉପକୃତ କରିପାରିବ । ମାତ୍ର ଭାରତବର୍ଷ ତାହାର ସାତ ଲକ୍ଷ ଗ୍ରାମରେ ହିଁ ବାସ କରୁଛି –ଅଜ୍ଞାତ, କ୍ଷୁଦ୍ର ଏବଂ ରାସ୍ତାଗୁଡ଼ିକ ପାଖରୁ ଦୂରରେ ଥିବା ଗ୍ରାମଗୁଡ଼ିକରେ ବାସ କରୁଛି, ଯେଉଁଠାରେ ଲୋକସଂଖ୍ୟା କ୍ୱଚିତ୍ ମାତ୍ର ଅଳ୍ପ କେତେଶହରୁ ଅଧିକ ହେବ, ଅନେକ ସମୟରେ ତ ମୋଟେ ଅଳ୍ପ କେତେ କୋଡ଼ିରୁ ବେଶୀ ହେବନାହିଁ ।

ମୁଁ ଏହିପରି କୌଣସି ଗୋଟିଏ ଗ୍ରାମକୁ ଯାଇ ବାସ କରିବାକୁ ବରଂ ଇଚ୍ଛା କରିବି । ତାହାହିଁ ଯଥାର୍ଥ ଭାରତବର୍ଷ, ମୋ' ଭାରତବର୍ଷ । ଏହି ସାଧାରଣ ମନୁଷ୍ୟମାନଙ୍କ ପାଖକୁ ତୁମେ ଉଚ୍ଚ ଯୋଗ୍ୟତାପ୍ରାପ୍ତ ଡାକ୍ତର ଏବଂ ବହୁଳ ଚିକିତ୍ସା ସାମଗ୍ରୀର ସାଜଭଣ୍ଡାର ନେଇ କଦାପି ଯାଇ ପରିବନାହିଁ । ସହଜ କଥାରେ କହିବାକୁ ଗଲେ, ନୈସର୍ଗିକ ଉପଚାର ଏବଂ ରାମନାମରେ ହିଁ ସେମାନଙ୍କର ଏକମାତ୍ର ଆଶା ନିହିତ ହୋଇ ରହିଛି ।

## ସ୍ୱାସ୍ଥ୍ୟୋପକାରୀ ଷ୍ଟ୍ରବେରି



ଷ୍ଟ୍ରବେରିରେ ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି । ହାର୍ଟକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ ଷ୍ଟ୍ରବେରି । ନିୟମିତ ଷ୍ଟ୍ରବେରି ଖାଇଲେ ତାହା ରକ୍ତରେ ସୁଗାର ପରିମାଣକୁ ସନ୍ତୁଳିତ ରଖିଥାଏ । ଷ୍ଟ୍ରବେରିରେ କ୍ୟାନସର ସହ ଲଢ଼ିବାର କ୍ଷମତା ରହିଛି ବୋଲି ସଦ୍ୟତମ ଗବେଷଣାରୁ ଜଣାପଡିଛି । ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ବେଶ୍ ସହାୟକ ହୋଇଥାଏ ଷ୍ଟ୍ରବେରି । ବ୍ଲଡପ୍ରେସର ରୋଗୀଙ୍କ ପାଇଁ ଏହା ବେଶ୍ ଉପକାରୀ । ତେଣୁ ସେମାନେ ଏହାକୁ ସେମାନଙ୍କର ଖାଦ୍ୟ ତାଲିକାରେ ସାମିଲ କରିପାରନ୍ତି । ମସ୍ତିଷ୍କକୁ ସକ୍ରିୟ କରିବାରେ ଏହାର ମଧ ଭୂମିକା ରହିଛି ।

# ସ୍ୱର୍ବେଦ

**ସର୍ୱ କ୍ରିୟା ତନ ଶାନ୍ତ କର,
ମକର ତାର ଉର ଧାର ।
ସୁକ୍ଷ୍ମ ଦୃଷ୍ଟି ଅନ୍ତର କରେ, ନିରତି
ଅଗମ ଘର ସାର ॥୮୭॥**

ଭାଷ୍ୟ - ଶରୀର ସଂଘାତର ସମସ୍ତ କ୍ରିୟାଗୁଡ଼ିକୁ ଶାନ୍ତ କରି, ମକର ତାରକୁ ହୃଦୟରେ ଧାରଣ କରି ସୂକ୍ଷ୍ମ ଦୃଷ୍ଟିକୁ ଭିତର କରନ୍ତୁ ଓ ଚେତନ ପ୍ରଦେଶରେ ନିରତିକୁ ସ୍ଥିର କରନ୍ତୁ ।

**ଅମୃତ ବରଷେ ଗଗନ ସେ, ଆତ୍ମ
ଦେହ ମନ ପାୟ ।
ନୟନ ଦୂର ଶୀତଲ କରେ,
ବଢ଼ତ କାନ୍ତି ଚିତ ଆୟ ॥୮୮॥**

ଭାଷ୍ୟ - ସେତେବେଳେ ଚେତନ ମଣ୍ଡଳରୁ ଅମୃତର ଧାର ପ୍ରବାହିତ ହୁଏ ଯାହା ଆତ୍ମା, ମନ ଆଉ ଦେହକୁ ଶୀତଳ କରି ତୃପ୍ତ କରେ । ଯାହା ଫଳରେ ଦେହର କାନ୍ତି ବୃଦ୍ଧି ହୁଏ ଏବଂ ଚିତ୍ତ ପ୍ରଫୁଲ୍ଲିତ ହୋଇଯାଏ ।

**ଉଚିତ ନୀତି ୟହ ଜାନିୟେ,
ବ୍ରହ୍ମଚର୍ଯ୍ୟ ବଲ ପାଲ ।
ୟୋଗାଭ୍ୟାସ ମେଁ ୱିଘ୍ନ ହୈ,
ସାଧନ ହୋୟ ନ ଥାଲ ॥୮୯॥**

ଭାଷ୍ୟ - ନିଜ ଜୀବନ କାଳରେ ବ୍ରହ୍ମଚର୍ଯ୍ୟ ପାଳନ କରିବା ଯୋଗାଭ୍ୟାସୀ ନିମନ୍ତେ ଉଚିତ ଅଟେ । ଇନ୍ଦ୍ରିୟଗୁଡ଼ିକର ବିଷୟ ପ୍ରବାହ ହେବା ଫଳରେ ସାଧନାରେ ସଫଳତା ମିଳେ ନାହିଁ ଆଉ ବିଘ୍ନ ଉପୁଜିଥାଏ ଯାହା ଫଳରେ ଆତ୍ମାର ଶକ୍ତି ଦୁର୍ବଳ ହୋଇଯାଏ । ମହାନ୍ ଲକ୍ଷ୍ୟର ପ୍ରାପ୍ତି ନିମନ୍ତେ ଇନ୍ଦ୍ରିୟ ସଂଯମୀ ହେବା ଅତ୍ୟନ୍ତ ଆବଶ୍ୟକ ଅଟେ ।

**ପରାରମ୍ଭ ସାଧନ କରେ, ଏକ
ତାର ଚଢ଼ ଜାୟ ।
ତାର ଟୁଟେ ଜୁଟତ କଠିନ,
ଅନୁଭୱ ୱୃଦ୍ଧି ନ ପାୟ ॥୯୦॥**


ଭାଷ୍ୟ - ସାଧନା ପ୍ରାରମ୍ଭ କରିବା ପରେ ନିରବଚ୍ଛିନ୍ନ ଭାବରେ ଆଗକୁ ବଢ଼ନ୍ତୁ । ତାର ଛିଣ୍ଡିଯିବା ପରେ ପୁନଶ୍ଚ ଜୋଡ଼ିବା କଷ୍ଟକର ହୋଇପଡ଼େ ଆଉ ଅନୁଭବ ବିକାଶ ହୋଇପାରେ ନାହିଁ ।

**ଏକାକୀ ସାଧନ କରେ, ମୌନ
ଧାର ସବ ତ୍ୟାଗ ।
ଗୁରୁ ସିୱାୟ ବୋଲେ ନହୀଁ,
ପାସ ନ ଦେଖ ନ ରାଗ ॥୯୧॥**

ଭାଷ୍ୟ - ସାଧନା କାଳରେ ସମସ୍ତ ମାୟା ସମ୍ବନ୍ଧକୁ ଛାଡ଼ି ଏକାକୀ ସାଧନା କରନ୍ତୁ । ଗୁରୁଙ୍କର ଅତିରିକ୍ତ ଅନ୍ୟ କାହା ସହିତ କଥା ହୁଅନ୍ତୁ ନାହିଁ, ନା କାହାକୁ ଦେଖନ୍ତୁ ନା କୌଣସି ବ୍ୟକ୍ତି ସହିତ ପ୍ରେମ କରନ୍ତୁ ।

ଜ୍ଞାନ ୟୋଗ ବଲ ଧର୍ମ ଗୁଣ,
ବଢ଼ତ ନିରନ୍ତର ଜାୟ ।
ୟହ ବୁଦ ଜନ କୀ ୱିଦ୍ୱତା, ନର
ଜୀୱନ ଫଲ ପାୟ ॥୯୨॥

ଭାଷ୍ୟ - ଜ୍ଞାନ, ବଳ, ଯୋଗ, ଧର୍ମ ଆଉ ଗୁଣକୁ ନିରନ୍ତର ବଢ଼ାଇବା ଉଚିତ । ଏହା ବିଦ୍ୱାନ ପୁରୁଷଙ୍କର ବିଦ୍ୱତା ଅଟେ । ଏ ପ୍ରକାର ଗୁଣଗୁଡ଼ିକର ସଂଗ୍ରହରୁ ପ୍ରାକୃତିକ ସମସ୍ତ ଐଶ୍ୱର୍ଯ୍ୟ ଓ ଯୋଗ ଦ୍ୱାରା




ପରମ ସୁଖର ପ୍ରାପ୍ତି ହୋଇଥାଏ ।

**ମକର ତାର ହୀଲତ ରହୈ,
ଝୁଲତ ରହେ ନିଜ ୟାନ ।
ରୋକ ମେଘ ସମ ଗର୍ଜତୀ,
ଚମକତ ୱିଦ୍ୟୁତ ସମାନ ॥୯୩॥**

ଭାଷ୍ୟ - ମକର ତାର ହଲୁଥାଏ, ଯାହାଦ୍ୱାରା ଯୋଗୀ ନିଜ ଚେତନ କେନ୍ଦ୍ରରେ ପହଞ୍ଚି ଯାଏ ଆଉ ଶବ୍ଦ ଆଧାରରେ ଝୁଲିବାରେ ଲାଗେ । ସେହି ତାରକୁ ଅଟକାଇବା ଦ୍ୱାରା ମେଘ ସମାନ ଗର୍ଜନ ଆଉ ବିଜୁଳି ପରି ଚମକ ହୋଇଥାଏ ।

**ଅମୃତ ସାଗର ସେ ଗିରେ,
ପତଲୀ ସୁକ୍ଷମ ଧାର ।
ଦେହ ଇନ୍ଦ୍ରି ମନ ଶାନ୍ତ ହୋ, ୟହ
ଦୁର୍ଲଭ ସଂସାର ॥୯୪॥**

ଭାଷ୍ୟ - ଯୋଗୀମାନଙ୍କର ଚେତନ ଅମୃତ ସାଗରରୁ ନିଜ ସୂକ୍ଷ୍ମ ଧାର ଆତ୍ମାରେ ପଡ଼ିଥାଏ । ଯାହା ଦ୍ୱାରା ଦେହ, ଇନ୍ଦ୍ରିୟ ଆଉ ମନ ଶାନ୍ତ ହୋଇଯାଏ । ଏହି ଅମୃତ ପ୍ରବାହ ସଂସାରୀ ପୁରୁଷମାନଙ୍କୁ ଅତ୍ୟନ୍ତ ଦୁର୍ଲଭ ଅଟେ ।

**ଦେହ ଆତ୍ମ ମନ ଶାନ୍ତି ହୈ,
ତାପ କ୍ଷୀଣ ବଲ ଆୟ ।
ହଁସ ଅମର ଆନନ୍ଦ ହୈ, ଅମୃତ
ପିୟତ ଅଧାୟ ॥୯୫॥**

ଭାଷ୍ୟ - ସେହି ଅମୃତ ପ୍ରବାହରୁ ଆତ୍ମା ଆଉ ମନକୁ ଶାନ୍ତି ମିଳିଥାଏ ଓ ଶରୀର ମନର ତାପ ନଷ୍ଟ ହୋଇଯାଇ ଜୀବନ ପ୍ରାପ୍ତ ହୋଇଥାଏ । ଆତ୍ମା ଅମୃତ ପରମାନନ୍ଦଙ୍କୁ ପ୍ରାପ୍ତ କରି ପୂର୍ଣ୍ଣ ତୃପ୍ତି ଲାଭକରେ ।

**ଅକଥ ଅନୂପ ଅପୂର୍ୱ ହୈ, ପର
ଅସୀମ ଆନନ୍ଦ ।
ତ୍ରିଜଗ ଭୋଗ ଅଣୁ ସମ ନହୀଁ,
ମହ ସାଗର ଆନନ୍ଦ ॥୯୬॥**

ଭାଷ୍ୟ - ସେହି ଅମୃତ ପରମାନନ୍ଦ ଅବାଚ୍ୟ, ଅନୁପମ, ଅପୂର୍ବ ଏବଂ ଅସୀମ ଅଟେ । ତିନି ଲୋକର ଭୋଗ ତାହାର ଅଣୁ ମାତ୍ର ଚେତନ ସୁଖତୁଲ୍ୟ ନୁହେଁ । ଅବ୍ୟକ୍ତ ପରମାନନ୍ଦ ମହାନ୍ ସୁଖର ଏପରି ମହିମା ରହିଛି ।

**ଭୂମି ସର୍ୱ ମାୟା ରହୈ, ଗୁରୁ
ପ୍ରଦେଶ ଜଡ଼ ପାର ।
ଅନୁଭୱ ଶବ୍ଦ ୱିୱେକ ମେଁ,
ନିକଲ ଜାୟ ଗୁରୁ ଦ୍ୱାର ॥୯୭॥**

ଭାଷ୍ୟ - ସମଗ୍ର ଦେହ ସଂଘାତ ଆଉ ଜଡ଼ ଶରୀର ମାୟାର କାର୍ଯ୍ୟ ଅର୍ଥାତ୍ ମାୟା ଅଟେ । ସଦ୍‌ଗୁରୁଙ୍କର ପ୍ରଦେଶ ପ୍ରକୃତି, ଜଡ଼, ମାୟାର ଊର୍ଦ୍ଧ୍ୱରେ । ଅନୁଭବ ଶବ୍ଦର ବିବେକୀ ଆତ୍ମା ଗୁରୁ ଭେଦ ସାଧନ ମାର୍ଗ ଦ୍ୱାରା ପ୍ରକୃତିକୁ ଛାଡ଼ି ଚେତନ ଲୋକକୁ ଗମନ କରିଥାନ୍ତି ।

**ପରିମିତ ସବ ଜିୱ କର୍ମ ହୈ,
ଅୱଧି ଭୋଗ କର ଆୟ ।
ଭୋଗ ଅପରିମିତ ନହିଁ ବନେ,
ଚେତନ ଚେତନ ପାୟ ॥୯୮॥**

ଭାଷ୍ୟ - ଜୀବମାନଙ୍କର ସମସ୍ତ କର୍ମ ସୀମିତ ଅଟେ ଓ ସେମାନଙ୍କର ଭୋଗର କାଳ ମଧ୍ୟ ରହିଛି । ଭୋଗର ସମାପ୍ତି ପରେ କର୍ମ-ଫଳ ନଷ୍ଟ ହୋଇଯାଏ ଆଉ ଜୀବ ପୂର୍ବ ସ୍ୱରୂପକୁ ଆସିଯାଏ । ସୀମିତ କର୍ମର ଫଳ ଅସୀମ ଭୋଗ ହୋଇ ନ ପାରେ । ଚେତନ ଆତ୍ମା ନିଜ ଚେତନ କରଣ ଦ୍ୱାରା ଚେତନ କର୍ମ କରିଥାଏ, ଯାହାକୁ ଭକ୍ତି କହନ୍ତୁ । ତାହାର ଭୋଗର ସୀମା ନାହିଁ, କାହିଁକି ନା ସେହି କର୍ମ ପ୍ରକୃତି ମଣ୍ଡଳର ହୋଇ ନ ଥାଏ । ସେଥିପାଇଁ ଚେତନ କରଣରୁ ଯେଉଁ କର୍ମ ହୋଇଥାଏ ସେ ସବୁ ଆତ୍ମାର ଶୁଦ୍ଧ ସ୍ୱାଭାବିକ ଧର୍ମ ଅଟେ । ତାହାର ଭୋଗର ସୀମା ହୋଇ ନ ପାରେ ।

**ଜିୱନ୍ମୁକ୍ତି ମେଁ ଦେହ ହୈ, ମୁକ୍ତି
ୱିଦେହ ନ ଦେହ ।
ଦୋନୌଁ ଶବ୍ଦ ଅଧାର ହୈ, ସମ
ରସ ପରମ ସନେହ ॥୯୯॥**

ଭାଷ୍ୟ - ଏହି ଶରୀରରେ ପ୍ରଭୁ ପ୍ରାପ୍ତି ହୋଇଥାଏ ଆଉ ପ୍ରଭୁ ପ୍ରାପ୍ତିରୁ ମୁକ୍ତି ମିଳିଥାଏ । ସେଥିପାଇଁ ଜୀବନ୍ମୁକ୍ତି ଏହି ଦେହରେ ହୋଇଥାଏ । ଜୀବନ୍ମୁକ୍ତିରେ ଦେହ ରହିଥାଏ, ପରନ୍ତୁ ବିଦେହମୁକ୍ତିରେ ଏହି ଦେହ ରହି ନ ଥାଏ । ଉଭୟ ମୁକ୍ତି ଶବ୍ଦ ଆଧାରରେ ହୋଇଥାଏ ଆଉ ଉଭୟରେ ଏକରସ ଜ୍ଞାନ ଆଉ ପ୍ରେମ ଥାଏ । ସଶରୀର ଆଉ ଅଶରୀର ଏହି ଦୁଇ ଅବସ୍ଥାରେ ଆତ୍ମା ଶବ୍ଦାନନ୍ଦର ଆଧାରରେ ରହିଥାଏ । ଜୀବନ୍ମୁକ୍ତିରେ ପ୍ରକୃତିରୁ ଅସଙ୍ଗ ରହିଥାଏ ଆଉ ବିଦେହମୁକ୍ତିରେ ପ୍ରକୃତିର ସମ୍ବନ୍ଧର ନିତାନ୍ତ ଅଭାବ ହୋଇଯାଏ ।

**ଦେହ ତ୍ରିତାପ ସେ ଛୁଟ କର,
ହଁସ ଦେହ କର ଭାୱ ।
ପରମାନନ୍ଦ ନିମଗ୍ନ ହୈ, ମୁକ୍ତି
ଶବ୍ଦ ପରଭାୱ ॥୧୦୦॥**

ଭାଷ୍ୟ - ଜୀବାତ୍ମା ତ୍ରିତାପକୁ ପ୍ରାପ୍ତ କରୁଥିବା ଏହି ଶରୀରକୁ ଛାଡ଼ି ଶୁଦ୍ଧ ଆତ୍ମାକୁ ପ୍ରାପ୍ତ ହୋଇଥାଏ ଓ ଶବ୍ଦର ପ୍ରଭାବରୁ ମୁକ୍ତ ହୋଇ, ପରମାନନ୍ଦରେ ନିମଗ୍ନ ହୋଇଯାଏ ।

**ଶୁଦ୍ଧ ରୂପ ସେ ଶବ୍ଦ ମେଁ, ମନ
ୱାଁଛିତ ସୁଖ ପାୟ ।
ଗତି ସ୍ୱତନ୍ତ୍ର ମନ ଭାୱନୀ, ମୁକ୍ତି
ଦଶା ୱର ପାୟ ॥୧୦୧॥**

ଭାଷ୍ୟ - ଆତ୍ମା ବିଦେହମୁକ୍ତ ଅବସ୍ଥାରେ ସ୍ୱତନ୍ତ୍ର ମନୋବାଞ୍ଛିତ ମୁକ୍ତି ପ୍ରାପ୍ତ କରିଥାଏ । ନିଜ ଚେତନ ଶୁଦ୍ଧ ସ୍ୱରୂପରେ ଶବ୍ଦାନନ୍ଦକୁ ପ୍ରାପ୍ତ କରି, ମନୋବାଞ୍ଛିତ ସୁଖ ପ୍ରାପ୍ତ କରିଥାଏ ।

**ପରମ ହଁସ ପ୍ରଭୁ ମେଁ ରହୈ, ଭକ୍ତି
ସଦା ଲୱଲୀନ ।
ବନ୍ଧ ମୁକ୍ତ ଉନ କେଲ ହୈ, ସୋମ
ପ୍ରେମ ରସ ଭୀନ ॥୧୦୨॥**

ଭାଷ୍ୟ - ବିଶୁଦ୍ଧ ଆତ୍ମାଗୁଡ଼ିକ ପ୍ରେମ ଭକ୍ତିରେ ସର୍ବଦା ନିମଗ୍ନ ରହି ସୋମରସ ଆନନ୍ଦରେ ପରିପୂର୍ଣ୍ଣ ରହିଥାନ୍ତି । ସେମାନଙ୍କ ପାଇଁ ବନ୍ଧ ଆଉ ମୁକ୍ତି ଉଭୟ କ୍ରୀଡ଼ା ମାତ୍ର ଅଟେ । ଜୀବନ୍ମୁକ୍ତ ଯୋଗୀର ଶରୀର ଛାଡ଼ି ମୁକ୍ତ ହୋଇଯିବା ଏକ ଖେଳ ସଦୃଶ ଅଟେ ଆଉ ଇଚ୍ଛାନୁସାରେ ଅଥବା ପ୍ରଭୁ ପ୍ରେରଣାରୁ ଜଗତ କଲ୍ୟାଣ ନିମନ୍ତେ ସଂସାରରେ ପ୍ରକଟ ହୋଇଯିବା ଏକ ଖେଳ ମାତ୍ର ଅଟେ । ଆତ୍ମା ସ୍ୱତନ୍ତ୍ର ହେବା ପରେ ନିଜ ଇଚ୍ଛାନୁକୂଳ ହୋଇ ସମସ୍ତ କାମକୁ ପୂର୍ଣ୍ଣ କରିପାରେ ।

**ବିନ ୱାଣୀ ଭାଷଣ କରେ, ବିନୁ
ପଗ ଚଲତ ଅପାର ।
କର ବିନୁ ପରମିତ କରମ ହୈ,
ମାନସ ଦେହ ସମ୍ହାର ॥୧୦୩॥**

ଭାଷ୍ୟ - ଜୀବାତ୍ମା ବିଦେହମୁକ୍ତିରେ ବିନା ବାଣୀର ଭାଷଣ, ପାଦ ବିନା ଗମନ, ହସ୍ତ ବିନା କର୍ମ ନିଜ ଚେତନ କରଣମାନଙ୍କ ଦ୍ୱାରା କରିଥାଏ । ମୁକ୍ତ ଅବସ୍ଥାରେ ପ୍ରାକୃତିକ ଜଡ଼ କରଣ ହୋଇ ନ ଥାଏ ।

ଚିତ୍ତ ବିନା ଚିନ୍ତନ କରେ, ମନନ
ମନା ବିନ ହୋୟ ।
କରେ ୱିୱେଚନ ବୁଦ୍ଧି ବିନ, ହଂସ
ମୁକ୍ତି ମହଁ ସୋୟ ॥୧୦୪॥

ଭାଷ୍ୟ - ଜୀବାତ୍ମା ମୁକ୍ତିରେ ଚିତ୍ତର ବିନା ଚିନ୍ତନ, ମନର ବିନା ମନନ ଆଉ ବୁଦ୍ଧିର ବିନା ବିବେଚନା କରିଥାଏ ।

**ପରମାନନ୍ଦ ସ୍ୱରୂପ ହୈ, ଇଚ୍ଛା
ଜ୍ଞାନ ପ୍ରୟତ୍ନ ।
ଚାର ସିଦ୍ଧ ହୈ ମୁକ୍ତି ମେଁ, ଅନ୍ତର
ୟୁକ୍ତି ସୁରତ୍ନ ॥୧୦୫॥**

ଭାଷ୍ୟ - ଆନନ୍ଦ ଗୁଣ ବ୍ରହ୍ମର ଅଟେ । ବ୍ରହ୍ମାନନ୍ଦର ଉପଭୋଗ କଲାବେଳେ ଆନନ୍ଦ ଗୁଣ ଜୀବରେ ଆସିଯାଏ ସେଥିପାଇଁ ଜ୍ଞାନ, ଇଚ୍ଛା, ପ୍ରଯତ୍ନ ଆଉ ଆନନ୍ଦ - ଏ ଚାରିଗୁଣ ମୁକ୍ତିରେ ରହିଥାନ୍ତି । ଯୋଗଜନ୍ୟ ମୁକ୍ତିରେ ଜୀବ ପରମାନନ୍ଦକୁ ପ୍ରାପ୍ତ କରି ତାଆରି ସ୍ୱରୂପ ହୋଇଯାଏ ।

ବିନା ଇଚ୍ଛା ପରୟତ୍ନ ନହିଁ, ବିନ
ଆନନ୍ଦ ନ ଚାହ ।
ଜ୍ଞାନ ଆନନ୍ଦ ପ୍ରୟତ୍ନ ହୈ, ଚହୁ
ଇଚ୍ଛା ସେ ଆହ ॥୧୦୬॥

ଭାଷ୍ୟ - ଇଚ୍ଛା ବିନା ପ୍ରଯତ୍ନ ହୋଇ ନ ଥାଏ କିମ୍ବା ବିନା ଆନନ୍ଦରେ ଇଚ୍ଛା ହୋଇଥାଏ । ଜ୍ଞାନ, ଇଚ୍ଛା, ପ୍ରଯତ୍ନ ଆଉ ଆନନ୍ଦ - ଏ ଚାରି ବିଦେହ ମୁକ୍ତିରେ ହୋଇଥାଏ ।

**ଚେଷ୍ଟା ଚେତନ ଗୁଣ ଅହୈ,
ପ୍ରାପ୍ତଭି ଚେଷ୍ଟା ହୋୟ ।
କେୱଲ ନହିଁ ଅପ୍ରାପ୍ତ କେ,
ଚେତନ ଇଚ୍ଛା ସୋୟ ॥୧୦୭॥**

ଭାଷ୍ୟ - ଚେଷ୍ଟା ଚେତନର ଗୁଣ ଅଟେ । ପ୍ରାପ୍ତ ବସ୍ତୁର ମଧ୍ୟ ଚେଷ୍ଟା ହୋଇଥାଏ, କେବଳ ଅପ୍ରାପ୍ତ ବସ୍ତୁର ହିଁ ଚେଷ୍ଟା, ଚେଷ୍ଟା ହୋଇ ନୁହେ । ଇଚ୍ଛା ଚେତନର ସ୍ୱାଭାବିକ ଗୁଣ ଅଟେ ଯାହା ଏଥିରେ ସର୍ବଦା ରହିଥାଏ ।

# ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ କରିବ ଦହି

**ଯେ**ତେବେଳେ ଧମନୀ ଉପରେ ରକ୍ତର ପ୍ରଭାବ ସାମାନ୍ୟରୁ ଅତ୍ୟଧିକ ହୋଇଯାଏ, ସେତେବେଳେ ଉଚ୍ଚ ରକ୍ତଚାପ ସ୍ଥିତ ଉପୁଜିଥାଏ । ଉଚ୍ଚ ରକ୍ତଚାପ ଯୋଗୁଁ ରକ୍ତ ସଞ୍ଚାଳନ ସଠିକ୍ ଭାବେ ହୋଇ



ପାରି ନ ଥାଏ । ଏହି କାରଣରୁ ଲୋକେ ଅନ୍ୟ ରୋଗର କରାଳକୁ ମଧ ଚାଲିଯାନ୍ତି । କେବେ କେବେ ମଣିଷ ମୃତ୍ୟୁ ମୁଖକୁ ମଧ ଚାଲିଯାଏ । ଉଚ୍ଚ ରକ୍ତଚାପରେ ପୀଡିତ ରୋଗୀଙ୍କ ଖାଦ୍ୟ ପାନୀୟ ଉପରେ ବିଶେଷ ଧାନ ଦେବାକୁ ପଡିଥାଏ । ଉଚ୍ଚ ରକ୍ତଚାପ ଯୋଗୁଁ ଚିନ୍ତିତ ଲୋକଙ୍କ ପାଇଁ ଦହି ବେଶ୍ ଲାଭଦାୟକ ସାବ୍ୟସ୍ତ ହେବ । ଦହି ରକ୍ତରେ ନିର୍ମିତ ହେଉଥିବା କୋଲେଷ୍ଟରାଲର ଅତ୍ୟଧିକ ମାତ୍ରାକୁ ନିୟନ୍ତ୍ରିତ କରିଥାଏ । ଯଦ୍ୱାରା ଶିରା ପ୍ରଶିରାରେ ରକ୍ତପ୍ରବାହ ଉପରେ କୌଣସି ପ୍ରଭାବ ପଡିବ ନାହିଁ ଏବଂ ହୃଦସ୍ପନ୍ଦନ ସଠିକ୍ ରହିବ । ଏକ ଗବେଷଣାରୁ ଜଣାପଡିଛି ଦୀର୍ଘ ସମୟ ଧରି ଦହି ସେବନ କରୁଥିବା ଲୋକଙ୍କ ମଧରେ ଉଚ୍ଚ ରକ୍ତଚାପ ସମସ୍ୟାର ଆଶଙ୍କା କମ୍ ଥାଏ । ଯେଉଁମାନେ ପ୍ରତିଦିନ ନିଜ କ୍ୟାଲୋରୀର ମାତ୍ରାରେ ଅତିକମରେ ଦୁଇ ପ୍ରତିଶତ ଦହିରୁ ହାସଲ କରିଥାନ୍ତି, ସେମାନଙ୍କ ମଧରେ ଉଚ୍ଚ ରକ୍ତଚାପ ସମସ୍ୟା ଉତ୍ପନ୍ନ ହେବା ଆଶଙ୍କା ୩୧ ପ୍ରତିଶତ ହ୍ରାସ ପାଇଥାଏ ।

## ଟିକିଏ ହସନ୍ତୁ

ରମେଶ ଦିନେଶକୁ ତୋ କୁକୁର ଆଜି ସକାଳେ ମୋ ପେପର୍‌କୁ ଦାନ୍ତରେ କାଟି ନଷ୍ଟ କରି ଦେଇଛି ।
ଦିନେଶ : ହଉ, ମୁଁ ତାକୁ ଡାକି ଦଣ୍ଡ ଦେଉଛି ।
ରମେଶ : ଥାଉ ।
ଦିନେଶ : କାହିଁକି ?
ରମେଶ : ମୁଁ ତାକୁ ଦଣ୍ଡ ଦେଇ ସାରିଛି ।
ଦିନେଶ : କି ଦଣ୍ଡ ?
ରମେଶ : ମୁଁ ତା' ଖାଇବା ଖାଇ ଦେଇଛି ।

× × × ×

ଗୋଲୁ ମୋଲୁକୁ : ମତେ ହାତ ଦେଖି ଆସେ । ତୁ ହାତ ଦେଖେଇଲୁ ।
ମୋଲୁ : ହଉ ଠିକ୍ ଅଛି । ଦେଖିକି କହିଲୁ କ'ଣ ଜାଣିଛୁ ।
ଗୋଲୁ : ତୋ ହାତ ରେଖା କହୁଛି ତୋ ଘର ତଳେ ବହୁତ ଧନ ଅଛି ।
ମୋଲୁ : ଠିକ୍ କଥା । ମୋ ଘର ତଳେ ଏସ୍‌ବିଆଇ ବ୍ୟାଙ୍କର ବ୍ରାଞ୍ଚ ଅଫିସ୍ ଅଛି ।

× × × ×



ଗୋପୀ ଅଟୋବାଲାକୁ : ଷ୍ଟେସନ ଯିବାକୁ କେତେ ନେବ ?
ଅଟୋବାଲା : ୫୦ ଟଙ୍କା ।
ଗୋପୀ : ୨୦ ଟଙ୍କା ନିଅ ।
ଅଟୋବାଲା : ଏତିକି ଟଙ୍କାରେ କିଏ ନେବ ?
ଗୋପୀ : ୨୦ ଟଙ୍କା ଧର, ଆଉ ପଛ ସିଟ୍‌ରେ ଯାଇ ବସ । ମୁଁ ନେଇକି ଯିବି ।

× × × ×

ସ୍ୱାମୀ- ସ୍ତ୍ରୀ ପରିବା କିଣିବାକୁ ଯାଇଥିଲେ ।
ସ୍ତ୍ରୀ (ପରିବାବାଲାକୁ) : ଭାଇ, କଖାରୁ କିଲୋ କେତେ ?
ପରିବାବାଲା : ୨୫ ଟଙ୍କା ।
ସ୍ତ୍ରୀ : ଆଉ ଏ ଭେଣ୍ଡି ଓ ଟମାଟୋର ଦାମ୍ କେତେ ?
ଏତିକିବେଳେ ସ୍ୱାମୀ ସ୍ତ୍ରୀକୁ : ଜଲ୍‌ଦି କର, ମୋର ଅଫିସ୍ ସମୟ ଡେରି ହେଉଛି ।
ସ୍ତ୍ରୀ ସ୍ୱାମୀଙ୍କୁ : ତୁମେ ବେଶି କଥା କୁହନି, ଏହି ଜଲ୍‌ଦି ହେବା ଚକ୍କରରେ ତୁମ ଭଳିଆ ସ୍ୱାମୀ ପାଇଲି । ଆଉ ଏବେ ପରିବା କିଣିବାରେ ସେମିତି ଜଳଦି କରି ଆଦୌ ଠକି ହେବନି ।

× × × ×

ପରୀକ୍ଷା ହଲ୍‌ରେ ଗୋପୀକୁ ଚୁପ୍‌ଚାପ୍ ବସିବାର ଦେଖି ପରୀକ୍ଷକ : ତୁମେ କାହିଁକି କିଛି ଲେଖୁନ ?
ଗୋପୀ : ମୋତେ କିଛି ଆସୁନି ।
ପରୀକ୍ଷକ : ତୁମକୁ କିଛି ତ ଆସୁଥିବ ।
ଗୋପୀ : ହଁ, ଆସୁଛି ।
ପରୀକ୍ଷକ : କ'ଣ ।
ଗୋପୀ : କାନ୍ଦ ।

× × × ×

ଜଜ୍ : ତୁମ ପାଖରେ କ'ଣ ପ୍ରମାଣ ଅଛି, ଆକ୍ସିଡେଣ୍ଟ ହେଲାବେଳେ ତୁମେ କାର୍ ସ୍ପିଡ଼ରେ ଚଲଉ ନ ଥିଲ ବୋଲି ?
କାର୍ ଚାଳକ : ଆଜ୍ଞା, ସେ ସମୟରେ ମୁଁ ମୋ ସ୍ତ୍ରୀକୁ ଆଣିବା ପାଇଁ ଶ୍ୱଶୁର ଘରକୁ ଯାଉଥିଲି ।
ଜଜ୍ : ତା' ହେଲେ ଏହି ଲୋକକୁ ନିର୍ଦ୍ଦୋଷରେ ଛାଡ଼ିଦିଆଯାଉ । କାରଣ ମୁଁ ଜାଣିଛି, ଏହି ସମୟରେ କେହି ବି ସ୍ପିଡ୍‌ରେ କାର୍ ଚଲେଇ ପାରିବେନି ।

# ନିମ୍ବଫଳର ଉପକାରିତା

ନିମ୍ବ ଗଛ ସ୍ୱାସ୍ଥ୍ୟ ସହ ସମ୍ବନ୍ଧିତ ଅନେକ ରୋଗର ନିବାରଣ ଦିଗରେ ସହାୟକ । ଭାରତୀୟ ସଂସ୍କୃତିରେ ନିମ୍ବର ବ୍ୟବହାର ବହୁ ପୁରାତନ କାଳରୁ ହୋଇଆସୁଛି । ଖରାଦିନେ ନିମ୍ବ ବ୍ୟବହାରର ରହିଛି ଭିନ୍ନ ମହତ୍ତ୍ୱ । ଆୟୁର୍ବେଦରେ ମଧ ଏହାର ସ୍ଥାନକୁ ଗୁରୁତ୍ୱପୂର୍ଣ୍ଣ ବୋଲି ସ୍ୱୀକାର କରାଯାଇଛି । ନିମ୍ବ ଅନେକ ରୋଗର ନିରାକରଣ ଦିଗରେ ବ୍ୟବହାର କରାଯାଏ । ଲୋକେ ଅସହ୍ୟ ଗରମରୁ ରକ୍ଷା ପାଇବାକୁ ନିମ୍ବ ଗଛ ତଳେ ବସି ଶରୀରକୁ ଶୀତଳ କରିଥାନ୍ତି । ଏମିତିରେ ତ ଦେଖିବାକୁ ଗଲେ ନିମ୍ବର ଅନେକ ଫାଇଦା ରହିଛି, କିନ୍ତୁ ଏହାର



ଫଳ ଯେ ଆହୁରି ଲାଭଦାୟକ ଏହା କ୍ୱଚିତ ଲୋକଙ୍କୁ ଜଣାଥିବ । ନିମ୍ବ ବୀଜରେ ଔଷଧୀୟ ଗୁଣ ଭରପୂର ରହିଛି । ନିମ୍ବ ବୀଜ ଏବଂ ପତ୍ରରୁ ତିଆରି ଚା' ପିଇଲେ ସ୍ୱାସ୍ଥ୍ୟ ଉପରେ ବେଶ୍ ଉତ୍ତମ ପ୍ରଭାବ ପଡିଥାଏ । କିଡନୀ ଏବଂ ପ୍ରୋଷ୍ଟେଟ ସହ ଜଡିତ ବିଭିନ୍ନ ସମସ୍ୟା ନିମିଷକେ ଦୂର ହୋଇଥାଏ । ଚା' ପିଇବା କଷ୍ଟକର ହୋଇପାରେ, କିନ୍ତୁ ରୋଗ ଦୂର କରିବା ବେଶ୍ ସହଜ । ନିମ୍ବ ବୀଜ କେଶ ସହ ଜଡିତ ବିଭିନ୍ନ ସମସ୍ୟାରୁ ମଧ ରକ୍ଷାକରେ । ଯଦି କେଶ ବାରମ୍ବାର ଝଡୁଥାଏ, ତେବେ ନିମ୍ବ ଫଳକୁ ବାଟି କେଶ ମୂଳରେ ଲଗାଇଲେ ତୁରନ୍ତ ସମସ୍ୟାର ସମାଧାନ ହେବ । ନିମ୍ବ ଫଳରେ ଆଣ୍ଟି ପାରାସିଟିକ୍, ଆଣ୍ଟିବ୍ୟାକ୍ଟେରିଆଲ୍, ଆଣ୍ଟି ଫଙ୍ଗଲ୍ ଭଳି ଗୁଣ ଭରି ରହିଛି । ଯାହା କେଶକୁ ବିଭିନ୍ନ ପ୍ରକାର ସଂକ୍ରମଣରୁ ରକ୍ଷାକରେ । ଏହାଛଡ଼ା ନିମ୍ବ ଫଳରେ ପ୍ରୋଟିନ୍, ଭିଟାମିନ୍ ସି ଏବଂ କେରୋଟିନ୍ ଭଳି ତତ୍ତ୍ୱ ସାମିଲ ରହିଛି । ନିମ୍ବ ଫଳରୁ ତିଆରି ତେଲରେ ଆଣ୍ଟି ଏଜିଙ୍ଗ୍ ଏବଂ ଆଣ୍ଟି ଅକ୍ସିଡାଣ୍ଟ ଗୁଣ ଭରି ରହିଥାଏ, ଯାହା ବୟସ ବୃଦ୍ଧିକୁ ଲୁଚାଇବା ସହ ତ୍ୱଚାର ଚମକ ବଜାୟ ରଖେ । କେବଳ ସେତିକି ନୁହେଁ, ନିମ୍ବ ଫଳକୁ ବାଟି ଘର ଚାରିଆଡ ଛିଞ୍ଚିଲେ ମଶାଙ୍କ ପ୍ରଭାବ ଦୂର ହୋଇଥାଏ ।

# କ୍ୟାନସରରୁ ମୁକ୍ତି ପାଇଁ ଅଦା

ବର୍ତ୍ତମାନ ଯୁଗରେ କ୍ୟାନ୍ସର ଏକ ଘାତ ବ୍ୟାଧି ରୂପେ ବିଶ୍ୱପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ୧୦୦ ରୁ ୭୦ ପ୍ରତିଶତ ଲୋକ ଏହି ରୋଗରେ ଆକ୍ରାନ୍ତ ହେଉଛନ୍ତି । ଏହି ମାରାତ୍ମକ ରୋଗ ପାଇଁ କୌଣସି ବିଧିବଦ୍ଧ ଔଷଧ ଆଜି ପର୍ଯ୍ୟନ୍ତ ବାହାରି ନ ଥିଲେ ମଧ କେମୋଥେରାପି ସାହାଯ୍ୟରେ ଏଥିରୁ କିଛିଟା ଆଶ୍ୱସ୍ତି ମିଳୁଛି । ମାତ୍ର କେମୋଥେରାପିର ପାର୍ଶ୍ୱ ପ୍ରତିକ୍ରିୟା ରହିଥିବାରୁ ଏହା ବେଳେବେଳେ ରୋଗୀଙ୍କୁ ଅଡୁଆରେ ପକାଇଥାଏ । ମାତ୍ର କେମୋଥେରାପି ତୁଳନାରେ ଅଦା କ୍ୟାନସର ବ୍ୟାଧି ପାଇଁ ଅଧିକ ଉପଯୋଗୀ ବୋଲି ଏକ ସର୍ଭେରୁ ଜଣାପଡିଛି । ଅଦାରେ



କେମୋଥେରାପିଠାରୁ ଅଧିକ ରୋଗ ପ୍ରତିହତ ଉପାଦାନ ରହିବା ସହ ଏହା ତା' ଠାରୁ ଅଧିକ ଶକ୍ତିଶାଳୀ ଏବଂ ଦେହୋପଯୋଗୀ ବୋଲି ଡାକ୍ତରମାନେ ଏକ ସର୍ଭେରୁ ଜାଣିବାକୁ ପାଇଛନ୍ତି । ଏହା ସତ ଯେ, ପୂର୍ବରୁ ଅଦା ଅନେକ ରୋଗର ଉପଶମ ପାଇଁ ବ୍ୟବହୃତ ହୋଇଥାଏ । ମାତ୍ର ଏବେ ଡାକ୍ତରମାନେ ଅଦାକୁ ନେଇ ସେତେ ତତ୍ପରତା ଦେଖାଉଛନ୍ତି ପୂର୍ବରୁ କେବେ ବି ଏମିତି ଦେଖିବାକୁ ମିଳି ନ ଥିଲା । ପ୍ରତିଦିନ ଅଦା ଖାଇବା ଦ୍ୱାରା ଏହା କ୍ୟାନସର ଜନିତ ସେଲକୁ ଶରୀରରେ ବ୍ୟାପିବା ପାଇଁ ଦିଏନାହିଁ । କ୍ୟାନସର ପ୍ରଥମ ପର୍ଯ୍ୟାୟ ଲକ୍ଷଣକୁ ଅଦା ପୂର୍ଣ୍ଣମାତ୍ରାରେ ରୋକି ପାରିବ । ପ୍ରତିଦିନ କିଛି ମାତ୍ରାରେ ଅଦା ଖାଇଲେ ଏହା ଉତ୍ତମ ରକ୍ତ ସଞ୍ଚାଳନ, ଛାତି ପୋଡା ଜଳା ଓ ଆଣ୍ଠୁ ଗଣ୍ଠି ଯନ୍ତ୍ରଣାରୁ ମୁକ୍ତି ଦେଇପାରିବ ବୋଲି ଡାକ୍ତରମାନେ ଜାଣିବାକୁ ପାଇଛନ୍ତି । ଅଦାକୁ ଖାଇବା ଦ୍ୱାରା ମହିଳାଙ୍କ ଶରୀରରେ ବ୍ୟାପୁଥିବା ଓଭାରିଆନ୍ ଜନିତ କ୍ୟାନସର ସେଲକୁ ରୋକାଯାଇ ପାରିବ । ସର୍ଭେରୁ ଏହା ମଧ ଜଣାପଡିଛି ଯେ, ଯେକୌଣସି ଔଷଧର ପାର୍ଶ୍ୱ ପ୍ରତିକ୍ରିୟା ଦେଖିବାକୁ ମିଳିଥାଏ । ମାତ୍ର ଅଦାରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ । ଏହା କେବଳ କ୍ୟାନସର ସେଲ୍ ସହ ଶରୀର ମଧରେ ଲଢ଼ିବାରେ ସହାୟକ ହୁଏ ।

## ଆପଣ ଜାଣନ୍ତି କି ?

- ଦିନ ଅପେକ୍ଷା ରାତି ସମୟରେ ମସ୍ତିଷ୍କ ଅଧିକ ସକ୍ରିୟ ଥାଏ ।
- ଜନ୍ମ ପରେ ନାକ, କାନର ଆକାର ବଢ଼ିଥାଏ, ଆଖିର ଆକାର ସ୍ଥିର ରହେ ।
- ଜିଭ ସର୍ବାଧିକ ଶକ୍ତିଶାଳୀ । ମାଂସପେଶୀ ଓ ମାଢ଼ି ଅସ୍ଥି ସବୁଠୁ ଟାଣ ।
- ପୁରୁଷ ଶରୀରର ଆନୁମାନିକ ରକ୍ତ ପରିମାଣ ୬.୮ ଲିଟର୍ ଓ ମହିଳାଙ୍କର ପାଞ୍ଚ ଲିଟର ।
- ରକ୍ତପ୍ରବାହ ହେଉ ନ ଥିବା ଏକ ମାତ୍ର ଅଙ୍ଗ ଆଖିର କର୍ନିଆ, ଏହା ବାୟୁମଣ୍ଡଳର ଅମ୍ଳଜାନ ନିଏ ।
- ପୁରୁଷଙ୍କ ତୁଳନାରେ ମହିଳାଙ୍କ ହୃଦ୍‌ସ୍ପନ୍ଦନ ଅଧିକ କ୍ଷିପ୍ର, ଆଘ୍ରାଣ ଶକ୍ତି ବି ଅଧିକ ।
- ପ୍ରତି ମିନିଟରେ ତିନି ଶହ ନିୟୁତ କୋଷ ଶରୀରରେ ସମାଧି ନିଅନ୍ତି ଏବଂ ଦିନକୁ ତିନି ଶହ କୋଟି ନୂଆ କୋଷ ଜନ୍ମ ହୁଅନ୍ତି ।
- ଶରୀରର ସମୁଦାୟ ଅସ୍ଥିର ଅଧା ରହିଛି କେବଳ ହାତ ଓ ପାଦରେ ।
- ଜୀବନକାଳ ମଧରେ ଜଣେ ମଣିଷର ଜିଭରୁ ଝରୁଥିବା ସମୁଦାୟ ଲାଳ ଦୁଇଟି ସନ୍ତରଣ କୁଣ୍ଡ ପାଇଁ ଯଥେଷ୍ଟ ।
- ଦଶ ବର୍ଷରେ ଥରେ କଙ୍କାଳର ଗଠନ ପ୍ରକ୍ରିୟାରେ ସ୍ୱତଃପରିବର୍ତ୍ତନ ଘଟେ ।
- ହୀରାକୁଦ ପୃଥିବୀର ଦୀର୍ଘତମ ଡ୍ୟାମ୍ ହୋଇଥିବା ବେଳେ ଏସିଆର ସବୁଠାରୁ ବଡ଼ କୃତ୍ରିମ ହ୍ରଦ ।

# ଭିଜା ଅଖରୋଟର ଲାଭ

ଡ୍ରାଏଫ୍ରୁଟ୍ସ ନିୟମିତ ଭାବେ ଅଳ୍ପ ପରିମାଣରେ ଖାଇବା ସ୍ୱାସ୍ଥ୍ୟ ପାଇଁ ହିତକାରୀ । ଆଜିକାଲି ସପିଙ୍ଗ୍ ମଲର ଫୁଡ୍ ଜୋନ, ବିଭିନ୍ନ ଫୁଡ୍ ଷ୍ଟୋର ଓ ଅନ ଲାଇନରେ ମଧ ଏସବୁ ଉପଲବ୍ଧ ହେଉଛି । ଖାଦ୍ୟ ବିଶେଷଜ୍ଞଙ୍କ ମତରେ ଅଖରୋଟ (ଏକ ପ୍ରକାର ଡ୍ରାଏଫ୍ରୁଟ୍ସ) ପ୍ରତ୍ୟହ ଖାଇବା ଦ୍ୱାରା ଶରୀରକୁ ଶକ୍ତି ମିଳିବା ସହ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ ।



କ୍ୟାଲସିୟମ, ମ୍ୟାଗ୍ନେସିୟମ, ଲୌହ ଭରପୁର ଅଖରୋଟକୁ ରାତିରୁ ପାଣିରେ ଭିଜାଇ ରଖି ସକାଳୁ ଖାଆନ୍ତୁ । ଭିଜା ଅଖରୋଟ ଖାଇଲେ ଶରୀରର ମେଟାବୋଲିଜିମ୍ ବଢ଼ିବା ସହ ପେଟର ଅତିରିକ୍ତ ଚର୍ବି ହ୍ରାସ ପାଇଥାଏ । ନିୟମିତ ୧ ମାସ ପର୍ଯ୍ୟନ୍ତ ଏପରି ଖାଇଲେ ଓଜନ କମ୍ ହେଉଥିବାର ବିଭିନ୍ନ ଅନୁସନ୍ଧାନରୁ ପ୍ରକାଶ । ନିଦ୍ରାହୀନତା ସମସ୍ୟା ଥିଲେ, ଦୈନିକ ସକାଳ ଜଳଖିଆରେ ଭିଜା ଅଖରୋଟ ଖାଇବାର ଅଭ୍ୟାସ କରନ୍ତୁ । ଏଥିରେ ଥିବା ମେଲାଟୋନିନ୍ ନାମକ ତତ୍ତ୍ୱ ଭଳି ନିଦ ପାଇଁ ଖୁବ୍ ସହାୟକ ।

ଚିଡଚିଡାପଣ କିମ୍ବା ବିରକ୍ତ ଲାଗୁଥିଲେ ଭିଜା ଅଖରୋଟ ୨-୩ ମାସ ଖାଇଲେ ଏହାର ପ୍ରଭାବ ଜାଣି ପାରିବେ । ଡ୍ରାଏଫ୍ରୁଟ୍ସରେ ଥିବା ଓମେଗା ଥ୍ରୀ ଫ୍ୟାଟି ଏସିଡ୍ ପ୍ରଭାବରେ ଆମ ମାନସିକ ସ୍ଥିତିର ମଧ ପରିବର୍ତ୍ତନ ହୋଇଥାଏ ବୋଲି ବିଶେଷଜ୍ଞଙ୍କ ମତ ।

୪୦ ବର୍ଷ ପରେ ଉଭୟ ମହିଳା ଓ ପୁରୁଷ ସପ୍ତାହକୁ ଅନ୍ତତଃ ୫-୭ ଦିନ ଅଖରୋଟ ଖାଇବା ଉଚିତ । କାରଣ ଏହା ସେମାନଙ୍କ ଶରୀରର ହାଡ଼ ଓ ଦାନ୍ତକୁ ଶକ୍ତି ଯୋଗାଇଥାଏ ।

# ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ ଗୋଲମରିଚ

ରୋଷେଇ ଘରେ ସବୁବେଳେ ମହଜୁତ ଗୋଲ ମରିଚ କେବଳ ଏକ ମସଲା ସାମଗ୍ରୀ ନୁହେଁ, ଔଷଧୀୟ ଗୁଣରେ ଭରପୂର । ଆୟୁର୍ବେଦ ଅନୁସାରେ, ସକାଳେ ଖାଲି ପେଟରେ ଉଷୁମ ପାଣି ସହ ଗୋଲ ମରିଚ ସେବନ ଦ୍ୱାରା ଶରୀରର ରୋଗ ପ୍ରତିରୋଧକ କ୍ଷମତା ବଢ଼େ । କଫ, ପିତ୍ତ ଓ ବାୟୁ ଉପରେ ନିୟନ୍ତ୍ରଣ ରଖେ । ଗୋଲ ମରିଚ ଓ ଉଷୁମ ପାଣି ଶରୀରରେ ଅତିରିକ୍ତ ଚର୍ବି ହ୍ରାସ କରେ । କ୍ୟାଲୋରି ହ୍ରାସ କରି ଓଜନ କମାଇବାରେ ମଧ ସହାୟକ । ଥଣ୍ଡା ହେଲେ କ୍ଷୀରରେ ଗୋଲ ମରିଚ ମିଶାଇ ପିଇବା ଦ୍ୱାରା ଆରାମ ମିଳେ । ଗ୍ୟାସ ସମସ୍ୟା ଦୂର କରେ । ଉଷୁମ ପାଣି ସହିତ ଏହାକୁ ସେବନ କଲେ ଶାରୀରିକ କ୍ଷମତା ବୃଦ୍ଧିପାଏ । ଜଳୀୟ ଅଂଶ ଅଭାବ ମଧ ନିୟନ୍ତ୍ରଣ କରେ । ଏସିଡିଟି ସମସ୍ୟା ଦୂର କରେ । ରକ୍ତଚାପ କମାଏ । ଏହାର ଆଣ୍ଟି ବ୍ୟାକ୍ଟେରିଆଲ୍ ଗୁଣ ସଂକ୍ରମଣଠୁ ଦୂରରେ ରଖେ । ସମାନ ମାତ୍ରାରେ ଲୁଣ ଓ



ଗୋଲ ମରିଚ ମିଶ୍ରଣକୁ ଦାନ୍ତ ଓ ମାଢ଼ିରେ ଘଷିଲେ ବିନ୍ଧା ଓ ଫୁଲା ଆଦିରୁ ରକ୍ଷାମିଳେ । ମସ୍ତିଷ୍କ ପାଇଁ ଏହା ବିଶେଷ ପ୍ରଭାବଶାଳୀ । ପାର୍କିନସନ୍ସ ରୋଗ ଚିକିତ୍ସାରେ ମଧ ଏହାର ଗୁରୁତ୍ୱ ଥିବା ଗବେଷକମାନେ ସ୍ପଷ୍ଟ କରିଛନ୍ତି । ପୁରୁଷଙ୍କ ପ୍ରଜନନ କ୍ଷମତା ବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରେ । ଗୋଲ ମରିଚକୁ ଶୁଙ୍ଘିବା ଦ୍ୱାରା ଧୂମପାନ ଛାଡ଼ିବା ସହଜ ହୋଇଥାଏ । ରକ୍ତ ଶର୍କରା ସ୍ତରରେ ସନ୍ତୁଳନ ରକ୍ଷା କରେ । ତ୍ୱଚାରେ ବୟସ ଛାପ ହ୍ରାସକରେ । ଛତ ଚିକିତ୍ସାରେ ମଧ ଫଳପ୍ରଦ ।

# କହିପାରିବେ କି ?

(୧) ଅଲିମ୍ପିକ ଖେଳର ଆୟୋଜନ କେତେବର୍ଷ ଅନ୍ତରରେ ହୋଇଥାଏ ?
(୨) ଅନ୍ତରାଷ୍ଟ୍ରୀୟ ମାନବ ଦିବସ କେବେ ପାଳନ କରାଯାଏ ?
(୩) ହରିଆନାର କେଉଁ ପ୍ରଜାତିର ମଇଁଷି ପ୍ରସିଦ୍ଧ ?
(୪) ଶୀତଳ ମାତା ମନ୍ଦିର କେଉଁଠାରେ ଅବସ୍ଥିତ ?
(୫) ଭାରତର ପ୍ରସିଦ୍ଧ ମରୁଭୂମି ନାମ କ'ଣ ?
(୬) ଅଲିମ୍ପିକ୍ ଜାତୀୟ ପତକାରେ କେତୋଟି ରିଂ ଚିହ୍ନ ରହିଛି ?
(୭) ଉଜ୍ଜୈନ କେଉଁ ନଦୀ କୂଳରେ ଅବସ୍ଥିତ ?
(୮) ଗୋବର ଗ୍ୟାସ୍‌ରୁ ମୁଖ୍ୟତଃ କେଉଁ ଗ୍ୟାସ୍ ମିଳିଥାଏ ?
(୯) 'ସ୍ୱାଧୀନତା ମୋର ଜନ୍ମଗତ ଅଧିକାର ଓ ମୁଁ ଏହାକୁ ନେଇ ବଞ୍ଚିବି' ଏହା କିଏ କହିଥିଲେ ?
(୧୦) ସବୁଠାରୁ ପ୍ରାଚୀନ ବେଦର ନାମ କ'ଣ ?

## JUMBLE WORDS

| | | | |
|---|---|---|---|
| 1) CEBUTK | = | 6) CRKUT | = |
| 2) GUHLA | = | 7) KLASF | = |
| 3) CDYIE | = | 8) LOCLSR | = |
| 4) MCTMIO | = | 9) NJRIUO | = |
| 5) RIPLSA | = | 10) TKAWE | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.ୱିଲିୟମ୍ ବେଣ୍ଟିଙ୍କ୍, ୨.ଚୀନ୍, ୩.ଆସାମ, ୪.ତାମିଲନାଡୁ, ୫.ପଞ୍ଜାବ , ୬.ଜନଲୋଗି ବର୍ଡ଼, ୭.ରେଜିୟା ସୁଲତାନ, ୮.ଗାଲିଶି , ୯. ଭଗତ ସିଂହ, ୧୦. ଅମୃତସର ।

***Jumble Words*** **ର ଉତ୍ତର :-**

(1) DERBY (2) SPOTTY (3) THORNY (4) MOGUL (5) FAITH
(6) EXEMPT (7) LIVING (8) DWELL (9) BONGO (10) PILLOW

# ଓପିଜିସି ବିଦ୍ୟୁତ୍ ଉତ୍ପାଦନ ୫୦% କମିଲା

ଝାରସୁଗୁଡ଼ା : ଚଳିତ ଡିସେମ୍ବର ୯ରେ ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ (ଓପିଜିସିର ବନହରପାଲିସ୍ଥିତ ତାପଜ ବିଦ୍ୟୁତ୍ କେନ୍ଦ୍ରର ପାଉଁଶ ପୋଖରୀ (ଆସ୍‌ପଣ୍ଡ)ବନ୍ଧ ଭୁଶୁଡ଼ି ପଡ଼ିଲା । ଏହାଦ୍ୱାରା ବ୍ୟାପକ ଚାଷ ଜମିକୁ କ୍ଷତିଗ୍ରସ୍ତ ହୋଇଛି । ହେଲେ ଏହି ଘଟଣାର ସିଧା ପ୍ରଭାବ ପଡ଼ିଛି ବିଦ୍ୟୁତ୍ କ୍ଷେତ୍ର ଉପରେ । ଏହି ସରକାରୀ ସଂସ୍ଥାର ହାରାହାରି ବିଦ୍ୟୁତ୍ ଉତ୍ପାଦନ ୧୫୦୦ ମେଗାୱାଟ୍‌ରୁ ୭୫୦ ମେଗାୱାଟ୍‌କୁ ଅର୍ଥାତ୍ ୫୦% ହ୍ରାସ ପାଇଥିବା ଜଣାପଡିଛି । ଓପିଜିସିର ଦୈନିକ ବିଦ୍ୟୁତ୍ ଉତ୍ପାଦନ ୩୬ ନିୟୁତ ୟୁନିଟ୍ ବଦଳରେ ମାତ୍ର ୧୮ ନିୟୁତ ୟୁନିଟ୍‌ରେ ସୀମିତ ରହିଛି । ତେଣୁ ଚାହିଦା ଭରଣା ପାଇଁ ଗତ ୧୫ ଦିନରେ ୟୁନିଟ୍ ପିଛା ୨ ଟଙ୍କା ଅଧିକ ଦରରେ ଏନ୍‌ଟିପିସି ଠାରୁ ୨୭୧ ନିୟୁତ ୟୁନିଟ୍ ବିଦ୍ୟୁତ୍ କିଣି ୫୪ କୋଟି ଟଙ୍କା କ୍ଷତି ସହିଲାଣି ।

ଏବେ ରାଜ୍ୟର ହାରାହାରି ବିଦ୍ୟୁତ୍ ଚାହିଦା ୩୫୦୦ ମେଗାୱାଟ ରହିଛି । ସେଥିରୁ ୪୩% ଓପିଜିସି ଭରଣା କରିଥାଏ । ଗ୍ରୀଷ୍ମ ଋତୁରେ ବିଦ୍ୟୁତ୍ ଚାହିଦା ୫୫୦୦ ମେଗାୱାଟ୍‌କୁ ଟପିଥାଏ । ଯଦି ଆସ୍‌ପଣ୍ଡ ସମସ୍ୟାର ଦୀର୍ଘ ମିଆଦି ସମାଧାନରେ ଓପିଜିସି ବିଫଳ ହୁଏ, ତେବେ ସର୍ବାଧିକ ଚାହିଦା ଋତୁରେ ବିଦ୍ୟୁତ୍ ବିଭ୍ରାଟ ଅସମ୍ଭାଳ ହେବ ବୋଲି ବିଦ୍ୟୁତ ବିଶେଷଜ୍ଞମାନେ ସତର୍କ କରାଇଛନ୍ତି । ସେମାନଙ୍କ ମତରେ ସମ୍ଭାବ୍ୟ ପରିସ୍ଥିତିରେ ଓପିଜିସିରୁ ଚୁକ୍ତିଗତ ଶସ୍ତା ବିଦ୍ୟୁତ୍ ନ ପାଇ ଗ୍ରିଡକୋ ଚଢ଼ା ଦରରେ ବିଦ୍ୟୁତ୍ କିଣିବ ଓ ସେଥିପାଇଁ ଟାରିଫ୍ ବୃଦ୍ଧି ହେବା ସହ ଉପଭୋକ୍ତାଙ୍କ ଠାରୁ ତାହା ଅସୁଲ କରାଯିବ ।

ରାଜ୍ୟ ଲୋଡ଼ ଡେସପାଚ୍ ସେଣ୍ଟର (ଏସ୍‌ଏଲ୍‌ଡିସି) ରିପୋର୍ଟ ଅନୁସାରେ, ଆସ୍‌ପଣ୍ଡ ବନ୍ଧ ଭୁଶୁଡ଼ିବା ଦିନରୁ ଓପିଜିସିର ୬୬୦×୨=୧୩୨୦ ମେଗାୱାଟ୍ ଉତ୍ପାଦନ କ୍ଷମତା ବିଶିଷ୍ଟ ୟୁନିଟ୍ ୩ ଓ ୪କୁ ଡିସେମ୍ବର ୧୬ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖାଯାଇଥିଲା । ସେହି ସମୟରେ ୨୧୦×୨=୪୨୦ ମେଗାୱାଟ୍ କ୍ଷମତା ବିଶିଷ୍ଟ ୟୁନିଟ୍ ୧ ଓ ୨ ପ୍ରାୟ ୮୦% କ୍ଷମତାରେ ଚାଲୁ ରହିଥିଲା । ଡିସେମ୍ବର ୧୬ରୁ ୟୁନିଟ୍ ୧ ଓ ୨କୁ ବନ୍ଦ କରାଯାଇ ଏବେ ୟୁନିଟ୍ ୩ ଓ ୪ରୁ ବିଦ୍ୟୁତ୍ ଉତ୍ପାଦନ ହେଉଛି । ଓପିଜିସିରେ ବିଦ୍ୟୁତ୍ ଉତ୍ପାଦନ କେବେ ସ୍ୱାଭାବିକ ହେବ, ତାହା ଜଣାପଡୁ ନାହିଁ ।

ପ୍ରାପ୍ତ ସୂଚନାନୁସାରେ ୧୯୯୪ରୁ ଉତ୍ପାଦନକ୍ଷମ ପୁରାତନ ୟୁନିଟ୍ ଦ୍ୱୟର ୩ଟି ଆସ୍‌ପଣ୍ଡ (ଏ, ବି ଓ ସି) ମଧ୍ୟରୁ ପ୍ରଥମ ଦୁଇଟି ପୂର୍ଣ୍ଣ ଥିବାରୁ ପ୍ଲାଣ୍ଟରୁ ନିର୍ଗତ ପାଉଁଶ ତୃତୀୟ ଆସପଣ୍ଡ (ସି)କୁ ନିର୍ଗମନ କରାଯାଉଥିଲା । ତେବେ ୨୦୧୯ରୁ ଉତ୍ପାଦନ ଆରମ୍ଭ କରିଥିବା ନୂତନ ୟୁନିଟ୍ ୩ ଓ ୪ରେ ବିଭିନ୍ନ ନିର୍ମାଣ ତ୍ରୁଟି ତଥା ପାଇପ୍ ଲିକ୍ ଯୋଗୁଁ ଏଥିରୁ ନିର୍ଗତ ପାଉଁଶ ପ୍ରାୟ ୧୫ କିମି ଦୂର ତିଲିଆରେ ନିର୍ମିତ ଆସ୍‌ପଣ୍ଡକୁ ଯିବାରେ ବ୍ୟାଘାତ ସୃଷ୍ଟି ହୋଇଥିଲା । ତେଣୁ ପୁରାତନ ୟୁନିଟ୍ ଦ୍ୱୟ ପାଇଁ ଉଦ୍ଦିଷ୍ଟ ପଣ୍ଡ ସି'ରେ ୟୁନିଟ୍ ୩ ଓ ୪ର ପାଉଁଶ ସ୍ରୋତ ନିର୍ଗମନ ନିମନ୍ତେ କର୍ତ୍ତୃପକ୍ଷ କାମଚଳା ନିଷ୍ପତ୍ତି ନେଇଥିଲେ ।

ଦୀର୍ଘଦିନ ଧରି ଏହି ବିକଳ୍ପ ବ୍ୟବସ୍ଥା ଜାରି ରହିଥିଲେ ମଧ ସେ କ୍ଷେତ୍ରରେ ସ୍ଥାୟୀ ସମାଧାନ କରା ନ ଯିବାରୁ ଶେଷରେ ଅତିରିକ୍ତ ଚାପ ଯୋଗୁଁ ପଣ୍ଡ୍ ସି' ବନ୍ଧରେ ବିରାଟ ଘାଇହେଲା । ପରିଣାମ ହେଲା, ହୀରାକୁଦ ବନ୍ଧ ବିସ୍ଥାପିତଙ୍କ ସରଧାପାଲି ଗ୍ରାମର ଶତାଧିକ ଏକର ଚାଷ ଜମିକୁ ମାଡ଼ିଯାଇଥିଲା ।

ସୂଚନାଯୋଗ୍ୟ, ଆମେରିକୀୟ କମ୍ପାନି ଏ.ଇ.ଏସ୍ ଓପିଜିସିର ୪୯% ଅଂଶଧନ କିଣି ଏହାର ଦୈନନ୍ଦିନ ପରିଚାଳନା ଦାୟିତ୍ୱ ହାତକୁ ନେବା ପରେ ସଂସ୍ଥାରେ ପରିଚଳନାଗତ ବିଭ୍ରାଟ ଆରମ୍ଭ ହୋଇଥିଲା । ଇବ ବିଦ୍ୟୁତ ଉତ୍ପାଦନ କେନ୍ଦ୍ରକୁ ସଫଳତାର ସହ ପରିଚାଳନା କରିଆସୁଥିବା କର୍ମଚାରୀ ଓ ଅଫିସରଙ୍କୁ କୋଣଠେସା କରି କମ୍ପାନି ବଜାରଭିତ୍ତିକ ବେତନରେ ପରିଚାଳନା ନିର୍ଦ୍ଦେଶକଙ୍କ ଠାରୁ ଆରମ୍ଭ କରି ବରିଷ୍ଠ ପଦରେ ନୂଆ ଅଧିକାରୀଙ୍କୁ ନିଯୁକ୍ତି ଦେବାରୁ ଗୁରୁତର ଅସଙ୍ଗତି ସୃଷ୍ଟି ହୋଇଥିଲା । ଏହା ସହିତ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଥିଲା । ଏ.ଇ.ଏସ୍ ତତ୍ତ୍ୱାବଧାନରେ ସ୍ଥାପିତ ୟୁନିଟ୍ ୩ ଓ ୪ରେ ନିର୍ମାଣଜନିତ ତ୍ରୁଟି ଯୋଗୁଁ ବ୍ୟୟସାପେକ୍ଷ ମରାମତି ବୋଝ ଦେଇ ଏ.ଇ.ଏସ୍ ନିଜ ଅଂଶଧନ ପ୍ରତ୍ୟାହାର କରି ଓହରିଯିବା ପରେ ମଧ ରାଜ୍ୟ ସରକାର ଏହାର ପରିଚାଳନାକୁ ଦକ୍ଷ କରିପାରିଲେ ନାହିଁ । ଓଲଟା ପରିଚାଳନା ନିର୍ଦ୍ଦେଶକ ପଦରେ ଜଣେ ଅବସରପ୍ରାପ୍ତ ଅଫିସରଙ୍କୁ ନିଯୁକ୍ତି ଦେଇ ଅଚିନ୍ତା ରହିଥିଲେ । ଇତିମଧ୍ୟରେ ପରିଚାଳନା ନିର୍ଦ୍ଦେଶକ ଇସ୍ତଫା ଦେଇଥିବା ବେଳେ ଅର୍ଥ ନିର୍ଦ୍ଦେଶକ ପଦ ଖାଲିପଡ଼ିଛି । ତେଣୁ ଓପିଜିସି ପରିଚାଳନାକୁ ଦକ୍ଷ କରିବା ଦିଗରେ ସରକାର କେତେ ତତ୍ପର, ଏଥିରୁ ଅନୁମାନ କରାଯାଇ ପାରେ ।

ଅପରପକ୍ଷରେ କୋଇଲା ଭିତ୍ତିକ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକରୁ ନିର୍ଗତ ପାଉଁଶ ଗୁରୁତର ପରିବେଶ ଜନିତ ସମସ୍ୟା ସୃଷ୍ଟି କରୁଥିବାରୁ ଏହାର ଶତ ପ୍ରତିଶତ ଉପଯୋଗ ଲାଗି କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରାଳୟ କହିଥିଲେ । କେନ୍ଦ୍ର ଦ୍ୱାରା ଜାରି ନିର୍ଦ୍ଦେଶନାମାରେ କୁହାଯାଇଥିଲା ଯେ ନିର୍ଗତ ପାଉଁଶକୁ ସିମେଣ୍ଟ କାରଖାନାରେ, ଖଣି ଯୋଗୁଁ ସୃଷ୍ଟି ହୋଇଥିବା ଗର୍ତ୍ତ ପୂରଣରେ ଓ ନିର୍ମାଣ କାର୍ଯ୍ୟରେ ବ୍ୟବହୃତ କରାଯିବ । ଏପରିକି ସମ୍ପୃକ୍ତ ବ୍ୟବହାର କାରୀଙ୍କୁ ମାଗଣାରେ ପାଉଁଶ ଯୋଗାଇବା ସହ ପରିବହନ ଖର୍ଚ୍ଚ ଟନ୍ ପିଛା ୧୫୦ ଟଙ୍କା ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକ ବହନ କରିବେ ବୋଲି ନିର୍ଦ୍ଦେଶ ଥିଲା । ଏହି ନିର୍ଦ୍ଦେଶନାମା ପାଳନ କରିବାକୁ ଓପିଜିସି ରାଜ୍ୟ ବିଦ୍ୟୁତ ନିୟାମକ ଆୟୋଗରେ ସତ୍ୟପାଠ ମଧ ଦାଖଲ କରିଥିଲା । ମାତ୍ର ଓପିଜିସି ତାହାକୁ ଠିକଣା ଭାବେ କାର୍ଯ୍ୟକାରୀ କରି ନଥିଲା । ଫଳରେ ୨୦୨୨-୨୩ରେ ୟୁନିଟ୍ ୧ ଓ ୨ରୁ ନିର୍ଗତ ୧୧ ଲକ୍ଷ ୫୦ ହଜାର ୩୫୩ ଟନ୍ ପାଉଁଶରୁ ମାତ୍ର ୪ ଲକ୍ଷ ୬୪ ହଜାର ୮୪୯ ଟନ୍ (୪୦.୪୧%) ଉପଯୋଗ କରିଥିଲା । ସେହିପରି ୟୁନିଟ୍ ୩ ଓ ୪ରୁ ନିର୍ଗତ ୨୮ ଲକ୍ଷ ୨୩ ହଜାର ୭୨୪ ଟନ୍ ପାଉଁଶରୁ ମାତ୍ର ୬ ଲକ୍ଷ ୫୭ ହଜାର ୫୦୬ ଟନ୍ (୨୩.୨୯%) ଉପଯୋଗ କରିବାକୁ ସକ୍ଷମ ହୋଇଛି ।

## ବିକଶିତ ଭାରତ ପାଇଁ ମୋଦି ଗ୍ୟାରେଣ୍ଟି ହେବ ପ୍ରଚାର ମାଧ୍ୟମ

ସମ୍ବଲପୁର : ଆସନ୍ତା ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଜିଲ୍ଲା ବିଜେପି ପକ୍ଷରୁ ଜନସାଧାରଣଙ୍କ ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବାର୍ତ୍ତାଙ୍କୁ ପହଞ୍ଚାଇବା ପାଇଁ ରାଜ୍ୟ ବିଜେପି ଉପସଭାପତି ତଥା ରେଙ୍ଗାଲି ବିଧାୟକ ନାଉରୀ ନାଏକ 'ଫିର୍ ଆଏଗା ମୋଦି' ପ୍ରଚାର ଗୀତର ଭିଡ଼ିଓ ଏବଂ ନୂଆବର୍ଷର କ୍ୟାଲେଣ୍ଡର୍‌କୁ ଉନ୍ମୋଚନ କରିଥିଲେ । ସେହିପରି 'ଭାଇ ଆମ ଧର୍ମେନ୍ଦ୍ର ପ୍ରଧାନ' ଗୀତର ଭିଡ଼ିଓ ମଧ ଉନ୍ମୋଚନ ହୋଇଥିଲା । ଏହି ଅବସରରେ ରାଜ୍ୟ ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ, ଜିଲ୍ଲା ସଭାପତି ଗିରିଶ ପଟେଲ, ଜିଲ୍ଲା ସାଧାରଣ ସମ୍ପାଦକ ଅନିଲ କୁମାର ବେହେରା, କ୍ଷେତ୍ରୀୟ ପ୍ରବକ୍ତା ତଥା ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସି ଓ ଜିଲ୍ଲା ଗଣମାଧ୍ୟମ ସଂଯୋଜକ ସଞ୍ଜୟ କୁମାର ଷଡଙ୍ଗୀ ଉପସ୍ଥିତ ଥିଲେ ।

## ଯୌନ ନିର୍ଯ୍ୟାତନାର ପ୍ରତିରୋଧ ତାଲିମ କାର୍ଯ୍ୟକ୍ରମ

ସୁବର୍ଣ୍ଣପୁର : ଜିଲ୍ଲାପ୍ରଶାସନ ଓ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ତରଫରୁ କାର୍ଯ୍ୟସ୍ଥଳୀରେ ମହିଳାଙ୍କୁ ଯୌନ ନିର୍ଯ୍ୟାତନାର ପ୍ରତିରୋଧ, ନିଷେଧାଦେଶ ଏବଂ ନିବାରଣ ଆଇନ -୨୦୧୩ ସମ୍ବନ୍ଧରେ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ତାଲିମ କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲ୍ଲାପାଳ ବିମଳେନ୍ଦୁ ରାୟ ସଭାପତିତ୍ୱ କରି ଏହି ଆଇନର କାର୍ଯ୍ୟକାରିତାକୁ ଜିଲ୍ଲାର ପ୍ରତ୍ୟେକ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ/ ସଂସ୍ଥାନ ଗୁଡିକରେ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ପୁନଶ୍ଚ ପ୍ରତ୍ୟେକ କାର୍ଯ୍ୟାଳୟରେ ଆଇନକୁ ସୁନିଶ୍ଚିତ କରିବା ନିମନ୍ତେ ଆଇସିସି/ ଏଲସିସି ଗଠନକୁ ଅତିଶୀଘ୍ର ୭ ଦିନ ମଧ୍ୟରେ ସମ୍ପନ୍ନ କରିବାକୁ ପରାମର୍ଶ ଦେଇଛନ୍ତି । ଏହି ଆଇନ କୁ ପ୍ରତ୍ୟେକ ବିଭାଗ କଡା କଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଦେବା ସହିତ ଏହାର ବ୍ୟାପକ ପ୍ରଚାର ପ୍ରସାର ଦିଗରେ ବିହିତ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । କାର୍ଯ୍ୟକ୍ରମ ଅବସରରେ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟନାରାୟଣ ଦାଶ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ସଚିବ ଜିଲ୍ଲା ଆଇନ ସେବା ପ୍ରାଧିକରଣ କୁମୁଦିନୀ ମୁଦୁଲି, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର ପ୍ରମୁଖ ଯୋଗଦାନ କରି କାର୍ଯ୍ୟସ୍ଥଳୀରେ ମହିଳାଙ୍କୁ ଯୌନ ନିର୍ଯ୍ୟାତନାର ବିଭିନ୍ନ ଦିଗ ଉପରେ ଆଲୋକପାତ କରି ଆମର ନୈତିକ କର୍ତ୍ତବ୍ୟ ଓ ଦାୟିତ୍ୱ ଉପରେ ସୂଚନା ପ୍ରଦାନ କରିଛନ୍ତି କ୍ଷ ତାଲିମ କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଶ୍ରୀମତୀ କୁମୁଦିନୀ ମୁଦୁଲି ଆଇନ ପ୍ରଣୟନର ଲକ୍ଷ୍ୟ, ଆଭିମୁଖ୍ୟ ଓ ସାମ୍ପ୍ରତିକ ସ୍ଥିତିରେ ଏହାର ଆବଶ୍ୟକତାର ଉପସ୍ଥାପନା କରିଥିଲେ । ଶ୍ରୀମତୀ ଅନିତା ଗୁରୁ, ପ୍ରୋଟେକ୍ସନ ଅଧିକାରୀ ଜିଲ୍ଲା ସମାଜ ମଙ୍ଗଳ ବିଭାଗ, ସ୍ୱାଗତ ବକ୍ତବ୍ୟ ପ୍ରଦାନ କରି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ କାର୍ଯ୍ୟାଳୟର ଜିଲ୍ଲା ସଂଯୋଜକ ପୋଷଣ ସଂଜୀବ ମିଶ୍ର, ଜିଲ୍ଲା ବାଲ୍ୟ ବିବାହ ନିରାକରଣ ସଂଯୋଜକ ଅକ୍ଷୟ କୁମାର ସିଂ ପ୍ରମୁଖ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟକ୍ଷ/ଅଧ୍ୟକ୍ଷା, ଜିଲ୍ଲା ସ୍ଥିତ ବିଭିନ୍ନ କୋଚିଙ୍ଗ କେନ୍ଦ୍ରର ଅଧକ୍ଷ,ଅଧାପକ, ଅଧାପିକା, ସମସ୍ତ ସିଡିପିଓ, ଜିଲ୍ଲା ଜିଲ୍ଲାସ୍ତରୀୟ ସମ୍ପୃକ୍ତ ଅଧିକାରୀ, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ପ୍ରମୁଖ ଅଂଶଗ୍ରହଣ କରି ଆଲୋଚନାରେ ଭାଗ ନେଇଥିଲେ ।

## ଜିଲ୍ଲା ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଓ କୃଷି ମହୋତ୍ସବ



ସମ୍ବଲପୁର : କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଜିଲ୍ଲାରେ ଜିଲ୍ଲା ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଓ କୃଷି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ମନ୍ଦଲିଆ ପଡ଼ିଆରେ ହୋଇଥିବା ଏହି ଉତ୍ସବକୁ ଉତ୍ତରାଞ୍ଚଳ ରାଜସ୍ୱ ଡିଭିଜନ୍ କମିଶନର୍ ଡକ୍ଟର ସୁରେଶ ଚନ୍ଦ୍ର ଦଳେଇ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ପ୍ରଦୀପ କୁମାର ସାହୁ, ରାଜ୍ୟ ଉପଦେଷ୍ଟା (କାଳିଆ) ସଞ୍ଜୟ ବାବୁ, ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ଆବାହକ ଅଶୋକ ପ୍ରଧାନ, ସମ୍ବଲପୁର ଜିଲ୍ଲା କୃଷକ ସଂଗଠନ ସଭାପତି ଉମେଶ ଚନ୍ଦ୍ର ମିଶ୍ର, ଅଧୀକ୍ଷକ ଯନ୍ତ୍ରୀ(କୃଷି) ପୃଥ୍ୱୀରାଜ ମହାନ୍ତି ଏବଂ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଗୌରୀଶଙ୍କର ସିଂହ ମଞ୍ଚାସୀନ ଥିଲେ । ଏହି ମେଳାରେ ବିହନ ବୁଣିବା, ରୋଇବା ଠାରୁ ଆରମ୍ଭ କରି ଅମଳ କରିବା ପର୍ଯ୍ୟନ୍ତ ବ୍ୟବହାରରେ ଆସୁଥିବା ଯନ୍ତ୍ରପାତି ମେଳାରେ ପ୍ରଦର୍ଶିତ ହୋଇଥିଲା । ମେଳାରେ ମୋଟ୍ ୭୦ ଟି ଷ୍ଟଲ୍ ରହିଥିଲା । ଏହି ଅବସରରେ ଧନକଉଡ଼ା ବ୍ଲକର ଚାଷୀ ମାନଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା । କୃଷି କ୍ଷେତ୍ରରେ ବୁର୍ଲାର ବୁଦ୍ଧୁ ମୁଣ୍ଡା, କୁଦ ଗୁଣ୍ଡରପୁରରୁ ଉଦ୍ୟାନ କୃଷି ବିଭାଗରେ ନିଲିମା ତରିଆ, ଏସ୍‌ଏମ୍‌ସିରୁ ଏଆରଡି ପାଇଁ କଳ୍ପନା ରୋହିଦାସ, ମତ୍ସ୍ୟ ଚାଷ ପାଇଁ କଲାମାଟିର ଡୋଲାମଣି ଅମାତ, ଏସ୍‌ଏଚ୍‌ଜି ପାଇଁ ତଲାବିରାର ଉମା ସିବିଲ ପୁରସ୍କୃତ ହୋଇଛନ୍ତି । ସେହିପରି ଗୋବିନ୍ଦା ସେଠଙ୍କୁ ଶ୍ରେଷ୍ଠ କୃଷି ସାଥୀ ପୁରସ୍କାର ଦିଆଯାଇଥିଲା ।

### ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

### Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |
| Colour Advertisement | - | 100% Extra |

# ସମ୍ବଲପୁରରେ ୧୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞର ଏକ ଝଲକ୍
















Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra